## ସଂକ୍ଷେପରେ

### ଜିଲାପାଳଙ୍କୁ ଡକ୍ଟରେଟ ଉପାଧି



ଭଦ୍ରକ ଅଫିସ, ୨୩।୨-ଜଣେ ଦକ୍ଷ ପ୍ରଶାସକ ଭାବେ ବେଶ୍ ଆଦୃତି ଲାଭ କରିଥିବା ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ପାଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏହି ଉପାଧି ତାଙ୍କୁ ପ୍ରାପ୍ତ ହୋଇଛି। ଜିଲାପାଳଙ୍କ ପ୍ରସ୍ତୁତ ଗୋଷ୍ଠୀର ବିପର୍ଯ୍ୟୟ ପ୍ରବଣତା ତଥା ବିପର୍ଯ୍ୟୟ ପରିଚାଳନା ସନ୍ଦର୍ଭ ନିମନ୍ତେ ଏହି ଉପାଧି ମିଳିଛି। ଜଗତସିଂହପୁର ଜିଲା କଣ୍ଟାପଡ଼ା ଗ୍ରାମରେ ଜନ୍ମିତ ଜିଲାପାଳ ଦାସ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ବିଭିନ୍ନ କାର୍ଯ୍ୟ ଦକ୍ଷତାର ସହିତ ତୁଲାଇଥିଲେ। ୨୦୧୭ରେ ଭଦ୍ରକ ହିଂସାକାଣ୍ଡ ସମୟରେ ଜିଲାପାଳ ଭାବେ ଯୋଗଦେଇ ଜଣେ ଦକ୍ଷ ପ୍ରଶାସକ ଭାବେ ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସେ ସଫଳ ହୋଇଥିଲେ। ବହୁ ଶୁଭେଚ୍ଛୁ ସହକର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

### 'ଆଧାତ୍ମିକ ପରିବେଶରେ ଶିକ୍ଷାଦାନ ଅଧିକ ଗ୍ରହଣୀୟ'

ଧାମନଗର,୨୩।୨(ଡି.ଏନ.ଏ.)-ଧାମନଗର ବ୍ଲକ ଧୂଷୁରୀ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ୍ତ କିଶୋର ଦାସ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଘାଟନୀ ସଭାରେ ଅଧକ୍ଷତା କରିଥିଲେ ରବୀନ୍ଦ୍ର କୁମାର ବେହୁରିଆ। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁ ସେଠୀ, ସମ୍ମାନିତ ଅତିଥି ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଅଧାପକ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଧାମନଗର କଲେଜର ପୂର୍ବତନ ଅଧକ୍ଷ ପ୍ରମୋଦ କୁମାର ଦାସ, ମୁଖ୍ୟବକ୍ତା ପ୍ରାଧାପକ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆଡଭୋକେଟ ଦେବାଶିଷ ସାମଲ, ପଣ୍ଡିତ ଦୟାନିଧି ମିଶ୍ର, ପ୍ରଦୀପ୍ତ କିଶୋର ଦାସ, ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରସନ୍ନ ସ୍ୱାଇଁ ଓ ବିଦ୍ୟୁତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଧାତ୍ମିକ ପରିବେଶରେ ଶିକ୍ଷାଦାନ ଅଧିକ ଗ୍ରହଣୀୟ ବୋଲି ଅତିଥିମାନେ କହିଥିଲେ। ପାଠଚକ୍ରର ଅଧକ୍ଷ ନୃସିଂହ ଚରଣ ନାୟକଙ୍କ ପରିଚାଳନାରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ସୁଧୀର ନାୟକ ବିବରଣୀ ପାଠ ଓ ଟ୍ରଷ୍ଟି ମଧୁମିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ବନ୍ତ,୨୩।୨(ଡି.ଏନ.ଏ.)-ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ପଳସା ବଜାରସ୍ଥିତ ଖଗେଶ୍ୱର ମହାଦେବଙ୍କ ପୀଠରେ ୩ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଜାଗର ଯାତ୍ରାଠାରୁ ମହାଯଜ୍ଞ ଆରମ୍ଭ ହୋଇ ରବିବାର ଶେଷ ହୋଇଛି। ମହାଦେବଙ୍କ ପୁଷ୍କରିଣୀରୁ ୯ଟି କଳସରେ ଜଳ ଅଣାଯାଇ ଘଟ ସ୍ଥାପନା ପୂର୍ବକ ପୂଜା ଆରମ୍ଭ ହୋଇଥିଲା। ମୁଖ୍ୟ ପୁରୋଧା ଫକୀର ଚରଣ ତ୍ରିପାଠୀ, ସୁବାସ ତ୍ରିପାଠୀ, ରମେଶ ତ୍ରିପାଠୀ, ସୁରେନ୍ଦ୍ର ନାଥ କରଙ୍କ ସମେତ ୯ ଜଣ ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ପୀଠରେ ପ୍ରାୟ ୭୦ବର୍ଷ ଧରି ଯଜ୍ଞ ହୋଇଆସୁଛି। ଛୟାଳସିଂ ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଏଠାକୁ ଆସିଥିଲେ। ପୂଜା କାର୍ଯ୍ୟରେ ପଳସା ବଜାର କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

### ଶିବମୁନି ଯୋଗାଶ୍ରମର ବାର୍ଷିକ ଉତ୍ସବ

ବନ୍ତ,୨୩।୨(ସ୍ୱ.ପ୍ର.)-ବନ୍ତ ବ୍ଲକ କାଦବରାଙ୍ଗ ଶିବମୁନି ଯୋଗାଶ୍ରମର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁନି ସମାଜର କେନ୍ଦ୍ରୀୟ ମହାମନ୍ତ୍ରୀ ବେଦବିତ୍ ଯୋଗୀ ଜଗନ୍ନାଥ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଯୋଗାଚାର୍ଯ୍ୟ ଦୁର୍ଗାଶଙ୍କର ଦାଶ, ପୂର୍ବତନ ମଣ୍ଡଳ ସଭାପତି ଦିବ୍ୟସିଂହ ନାୟକ, ଯୋଗୀ ଶ୍ରୀଧର ବେହେରା ପ୍ରମୁଖ ଯୋଗଦେଇ ସୁସ୍ଥ, ନୀରୋଗ ଶରୀର ପାଇଁ ଯୋଗ ଜରୁରୀ ବୋଲି କହିଥିଲେ। ଅତିଥିମାନେ ଯୋଗ ସ୍ୱାସ୍ଥ୍ୟ ଆତ୍ମଜ୍ଞାନ ବିଷୟରେ ପ୍ରବଚନ ଦେଇଥିଲେ। ପୂର୍ବାହ୍ନ ୧୦ଟାରେ ସତ୍ୟପତାକା ଉତ୍ତୋଳନ ଓ ସଙ୍ଗୀତ ଗାନ ପରେ ସଭା ଆରମ୍ଭ ହୋଇଥିଲା। ହରେକୃଷ୍ଣ ନାୟକ, କାର୍ତ୍ତିକ ପଲେଇ, କାର୍ତ୍ତିକ ଭାରତୀ, ବସନ୍ତ ପାଳ, କୁଞ୍ଜବିହାରୀ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଆଡିଆ, ମୌଦା, ଆଗରପଡା, କନ୍ତିଆ ଆଦି ଆଶ୍ରମର ବହୁ ସଦସ୍ୟ ଉତ୍ସବରେ ଯୋଗ ଦେଇଥିଲେ।

# ନିମ୍ନମାନର ରାସ୍ତା କାମ, ଉଠିଯାଉଛି ପିଚୁ

ଭଦ୍ରକ ଅଫିସ,୨୩।୨



ନିର୍ମାଣାଧୀନ ରାସ୍ତାରୁ ପିଚୁ ଉଠିଯାଇଛି।

■ଅଭିଯୋଗ ପରେ କାର୍ଯ୍ୟ ବନ୍ଦ

■ମାନ ଯାଞ୍ଚ ପାଇଁ ଆସୁନାହାନ୍ତି ଅଧିକାରୀ

ଗ୍ରାମ୍ୟ ଉନ୍ନୟନ ବିଭାଗରେ ସ୍ୱଚ୍ଛତାକୁ ନେଇ ବିବାଦ ଲାଗିରହିଛି। ମାସକ ତଳେ ବିଭାଗର ଜଣେ ଡାଟାଏଣ୍ଟ୍ରି ଅପରେଟର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ନିକଟରେ ନିର୍ବାହୀ ଯନ୍ତ୍ରୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରରୁ ଗିରଫ ହୋଇ ବାଲେଶ୍ୱର ଜେଲ୍‌ରେ। ଏବେ ପୁଣି ଗ୍ରାମ୍ୟ ଉନ୍ନୟନ ବିଭାଗ(୨) ଅଧୀନରେ ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଯୋଗ ଉଠିଛି। ନିର୍ମାଣାଧୀନ ପିଚୁ ରୋଡ୍ ଉପରେ ଘାସ ଉଠି ପାର୍କ ସଦୃଶ ହେଲାଣି। ପିଚୁ ପଡ଼ିବାର ୫ ଦିନ ପରେ ହାତରେ ପିଚୁ ଉଠିଯାଉଛି। ଏଭଳି କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିବା ପରେ ବନ୍ଦ ରହିଛି। କାମ ବନ୍ଦ ହେବାର ୭ ଦିନ ବିତିଲାଣି। କିନ୍ତୁ ବିଭାଗୀୟ ଅଧିକାରୀ ଏଯାଏ ଗାଁକୁ ଆସି ରାସ୍ତାର ସ୍ଥିତାବସ୍ଥା, ନିର୍ମାଣାଧୀନ ରାସ୍ତାର ମାନ ଯାଞ୍ଚ କରୁ ନ ଥିବା ଅଭିଯୋଗ ହେଉଛି। ଏଭଳି ଦେଖିବାକୁ ମିଳିଛି ଭଦ୍ରକ ଜିଲା ସଦର ବ୍ଲକ ସରଗଡ଼ିଆଠାରୁ ଚନ୍ଦନପୁର ରାସ୍ତା କ୍ଷେତ୍ରରେ। ଏହି ରାସ୍ତାକାମରେ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

ପ୍ରକାଶ ଯେ, ୩ କୋଟି ୪୮ ଲକ୍ଷ ୯୬ ହଜାର ଟଙ୍କା ବ୍ୟୟବରାଦରେ ଏହି ରାସ୍ତା ନିର୍ମାଣ ହେଉଥିଲା। ନିମ୍ନମାନର କାର୍ଯ୍ୟ ଅଭିଯୋଗ କରି ଚନ୍ଦନପୁର ଗ୍ରାମବାସୀଙ୍କ ବିରୋଧ ଯୋଗୁ କାମ ବନ୍ଦ ରହିଛି। ହାତରେ ପିଚୁ ଉଠିଯିବା ଘଟଣା ସୋସିଆଲ ମିଡିଆରେ ଘୂରି ବୁଲୁଛି। ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ସୋସିଆଲ ମିଡିଆ ମାଧ୍ୟମରେ ଅଭିଯୋଗ କରିଛନ୍ତି। ରାସ୍ତା ଉପରେ ରୋଲର ନ ଗଡ଼ାଇବା, ବିଭାଗୀୟ ଅଧିକାରୀ ତଦାରଖ ପାଇଁ ସାଇଡ୍‌କୁ ନ ଯିବା, ବିନା ସୂଚନା ଫଳକରେ କାମ କରାଯାଉଥିବା, କଂକ୍ରିଟ ରାସ୍ତା ଭାଙ୍ଗିଯିବା ଏଭଳି ଅନେକ ଅଭିଯୋଗ ଉଠାଇଛନ୍ତି ଚନ୍ଦନପୁର ଗ୍ରାମବାସୀ। କାମ ଆରମ୍ଭରୁ ରାସ୍ତାର ଏଭଳି ଅବସ୍ଥା ଦେଖାଦେଇଥିବାରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ସେମାନେ ପ୍ରଶ୍ନ କରିଛନ୍ତି। ଠିକ୍ ମାନର ରାସ୍ତା ମରାମତି କରା ନ ଗଲେ ସେମାନେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୬ ମାସ ପୂର୍ବେ ଏହି ପ୍ରକଳ୍ପରେ କଂକ୍ରିଟ୍ କାର୍ଯ୍ୟ ହାତକୁ ନିଆଯାଇଥିଲା। କୋଡଗମ୍ଭୀର ଗାଁରୁ କଂକ୍ରିଟ କାର୍ଯ୍ୟ କରାଗଲା। ଅଧିକ ବାଲିରେ ଅଳ୍ପ ପରିମାଣର ସିମେଣ୍ଟ ଦେଇ ବିନା ମେଟାଲରେ କଂକ୍ରିଟ୍ କାର୍ଯ୍ୟ କରାଯାଉଥିଲା। ଏ ନେଇ ଅଭିଯୋଗକୁ ଠିକାଦାର କିମ୍ବା ବିଭାଗୀୟ ଯନ୍ତ୍ରୀ କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ୨କି.ମି. ୪ଶହ ମିଟର କଂକ୍ରିଟ୍ କାମ ଅତି ନିମ୍ନମାନର ହୋଇଛି। କାମ ନ ସରୁଣୁ ଏବେ କଂକ୍ରିଟ୍ ଫାଟି ଆଁ କରିଛି ତ କେଉଁଠି ଦବି ଗଲାଣି। ଏବେ ବିନା କମ୍ପ୍ରେସର୍ ମେଶିନ, ରୋଲରରେ ପିଚୁ କାମ ଆରମ୍ଭ ହେଲା। ପଙ୍କମିଶା ମାଟିକୁ ରାସ୍ତାରେ ବିଛା ଯାଇଥିବାରୁ ରାସ୍ତାରେ ଘାସ ଉଠିଗଲାଣି। ଏଭଳି ନିମ୍ନମାନର ଯୋଗୁ ରାସ୍ତା ମାତ୍ର ୨ବର୍ଷ ବି ଯିବା କଷ୍ଟକର ବୋଲି ଗାଁର ସାମାଜିକ କର୍ମୀ ବିଶ୍ୱନାଥ ମହାରଣା, ଗୋପାଳକୃଷ୍ଣ ଜେନା, ପ୍ରଦୀପ ଜେନା, ଗଙ୍ଗାଧର ମହାରଣା, ହରିହର ପାଣି, ମଧୁସୂଦନ କର ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ସତ୍ୟ ନାୟକଙ୍କୁ ପଚାରିବାରୁ ଉକ୍ତ ରାସ୍ତା କାମ ବନ୍ଦ କରାଯାଇଛି, ମାନ ଯାଞ୍ଚ ପରେ ପୁଣି ଥରେ କାମ କରାଯିବ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲୁକୁ ଚାହାନ୍ତି ନାହିଁ ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି ।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଥାନାଧିକାରୀଙ୍କ କାର୍ଯ୍ୟଶୈଳୀକୁ ଭାଜପାର ବିରୋଧ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ଚାନ୍ଦବାଲି,୨୩।୨(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ବଜାରରେ ଶନିବାର ପାର୍କିଂ ସମସ୍ୟାକୁ ନେଇ ସ୍ଥାନୀୟ ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତିଙ୍କ ସହ ବ୍ୟବସାୟୀଙ୍କ ବଚସା ହୋଇଥିଲା। ଏଥିସହ ଥାନାଧିକାରୀ ଜଣେ ବ୍ୟବସାୟୀଙ୍କୁ ଥାନାକୁ ନେଇ ପରେ ଛାଡ଼ି ଦେବା ଓ ଅନ୍ୟ ଜଣେ ବ୍ୟବସାୟୀଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଥାନାଧିକାରୀଙ୍କ ଏଭଳି କାର୍ଯ୍ୟଶୈଳୀକୁ ସ୍ଥାନୀୟ ଭାଜପା ନେତା ବିରୋଧ କରିଛନ୍ତି। ଏ ନେଇ ଦଳ ପକ୍ଷରୁ ରବିବାର ମତୋଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।

ଉଲ୍ଲେଖନୀୟ ଯେ, ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତା କଡ଼ରେ ଥିବା ଏହି ବଜାରର କେତେକ ବ୍ୟବସାୟୀ ରାସ୍ତାକୁ ଅବରୋଧ କରି ଅସ୍ଥାୟୀ ଦୋକାନ ଖୋଲିଛନ୍ତି। ଫଳରେ ଗ୍ରାହକଙ୍କ ପାଇଁ ସାଇକେଲ ଓ ବାଇକ୍ ପାର୍କିଂରେ ସମସ୍ୟା ହେବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଶନିବାର ସାପ୍ତାହିକ ହାଟ କାରଣରୁ ମତୋ ବଜାର ଭିଡ଼ ରହିଥିଲା। ଚାନ୍ଦବାଲି ଥାନାଧିକାରୀ ପୋଲିସ ଫୋର୍ସ ସହିତ ଅଚାନକ ଆସି ପୂର୍ବାହ୍ନରେ କେତେକ ଅସ୍ଥାୟୀ ଦୋକାନୀଙ୍କୁ ରାସ୍ତାକଡ଼ରୁ ପଛକୁ ହଟିବାକୁ କହିଥିଲେ। ଅଧିକାଂଶ ଦୋକାନୀ ଏହାକୁ ମାନି ନେଇଥିବାବେଳେ କେତେଜଣ ଦୋକାନୀଙ୍କ ସହିତ ବଚସା ହୋଇଥିଲା। ଜଣେ ବ୍ୟବସାୟୀଙ୍କୁ ପୋଲିସ ଥାନାକୁ ନେଇ ପରେ ଛାଡ଼ି ଦେଇଥିବା ଏବଂ ଅନ୍ୟ ଜଣେ ବ୍ୟବସାୟୀଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଚାନ୍ଦବାଲି ଗଜଲକ୍ଷ୍ମୀ ମଣ୍ଡଳ(ମତୋ) ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଥିଲା। ଥାନାଧିକାରୀ ମତୋ ପଞ୍ଚାୟତର ଭାଜପା ନେତା ତଥା ବ୍ୟବସାୟୀ ପ୍ରଣବ କିଶୋର ବଳଙ୍କୁ ଥାନାକୁ ଡାକି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଓ ସାଧାରଣ ଲୋକଙ୍କୁ ଗାଳିଗୁଲଜ କରିବା ଆଦି ତାଙ୍କ ନାମରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦଳ ପକ୍ଷରୁ ଜିଲା ଏସ୍‌ପି ଓ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅବଗତ କରାଯିବା ସହିତ ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଦୈତାରୀ ଦାସ, କାହ୍ନୁଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ପାଣି, ଯୁଧିଷ୍ଠିର ସାହୁ, ରତିକାନ୍ତ ନାୟକ, ମନୋଜ ଭଳ, ଶ୍ରୀକାନ୍ତ ରାଉତ ପ୍ରମୁଖ ଭାଜପା ନେତା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଥାନାଧିକାରୀ ମହାନ୍ତିଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

# 'ଆମେ ଭଦ୍ରକିଆ' ସଙ୍ଗୀତ ଲୋକାର୍ପିତ

ଭଦ୍ରକ ଅଫିସ, ୨୩।୨




ସଙ୍ଗୀତର ଏକ ଦୃଶ୍ୟ।

ସାହିତ୍ୟଠୁ ଆରମ୍ଭ କରି ସଂସ୍କୃତି, ଆଧାତ୍ମିକତା, ରାଜନୀତି, ନୃତ୍ୟ, ସଙ୍ଗୀତ, କଳା ଓ ପର୍ଯ୍ୟଟନ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଭଦ୍ରକର ଐତିହ୍ୟ ଓ ପରମ୍ପରା ସମୃଦ୍ଧ। ଭଦ୍ରକ ମାଟିର ସୌରଭକୁ ରାଜ୍ୟ ଏବଂ ଜାତୀୟସ୍ତରରେ ପରିଚିତ କରାଇବା ପାଇଁ ସଙ୍ଗୀତ ଓ ଛାୟାଚିତ୍ର ସମନ୍ୱୟରେ ଆମେ ଓଡ଼ିଆ ଆମେ ଭଦ୍ରକିଆ ସଙ୍ଗୀତ ପ୍ରସ୍ତୁତ ହୋଇ ୟୁଟ୍ୟୁବ୍ ମାଧ୍ୟମରେ ପ୍ରସାର ନିମନ୍ତେ ଲୋକାର୍ପିତ ହୋଇଯାଇଛି। ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପରିକଳ୍ପିତ, କବି ସୁଚିତ୍ରା ପାଣିଗ୍ରାହୀଙ୍କ ଲିଖିତ ଏହି ଗୀତଟିକୁ ତାପସ ଶଙ୍ଖୁଆ ଗାଇଥିବା ବେଳେ ପ୍ରଯୋଜନା କରିଛନ୍ତି ଖାନ୍ ସାମିଲ କାଦ୍ରୀ। ଗୀତଟିକୁ ୟୁଟ୍ୟୁବ୍‌ରେ ଲାଇଫ୍ କା ଫଣ୍ଡା ନାମକ ଏକ ଚ୍ୟାନେଲ୍‌ରେ ପ୍ରସାରଣ ନିମନ୍ତେ ଛଡ଼ାଯାଇଛି। ଭଦ୍ରକର ମୁଲ୍ଲାସାହିସ୍ଥିତ ଗୁରୁକୁଳ ଲାଇଫ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଗହଣରେ ସଙ୍ଗୀତର ପ୍ରଯୋଜକ, ନିର୍ଦ୍ଦେଶକ, ଦିଗ୍‌ଦର୍ଶକ, କଣ୍ଠଶିଳ୍ପୀ ଓ ଲେଖିକାଙ୍କ ଉପସ୍ଥିତିରେ ଏହାକୁ ଲୋକାର୍ପଣ କରାଯାଇଛି। ଜିଲାର ବିଭିନ୍ନ ସ୍ଥାନ ଉପରେ ପ୍ରସ୍ତୁତ ସଙ୍ଗୀତ ତୁଳନାରେ ଏହି ଗୀତର ମର୍ମ ଓ ଦୃଶ୍ୟଚିତ୍ର ଅତ୍ୟନ୍ତ ମୌଳିକ, ଚିତ୍ତାକର୍ଷକ ଏବଂ ଆକର୍ଷଣୀୟ ବୋଲି ସମବେତ ଦର୍ଶକ ମତପ୍ରକାଶ କରିଥିଲେ। ଏହି ଅନନ୍ୟ ଉଦ୍ୟମ ଭଦ୍ରକ ମାଟିର ସମୃଦ୍ଧ ପରମ୍ପରାକୁ ଆହୁରି ଲୋକପ୍ରିୟ କରାଇବ ବୋଲି ଆଶା ପ୍ରକାଶ କରାଯାଇଛି।

# ୨ ପାଣି ପଞ୍ଚାୟତ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବନ୍ତ,୨୩।୨(ଡି.ଏନ.ଏ.)

ବନ୍ତ ଜଳସେଚନ ବିଭାଗ ଅଧୀନ ୨୩ ଓ ୩୧ ନଂ. ପାଣି ପଞ୍ଚାୟତ ନିର୍ବାଚନରେ ରବିବାର ସମସ୍ତ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନା ଅନୁସାରେ, ୨୩ ନଂ. ପାଣି ପଞ୍ଚାୟତର ୧୨ଟି ସଭ୍ୟ ପଦବୀ ପାଇଁ ୧୨ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନିର୍ବାଚନ ଚାଲିଥିଲା। ଏହି ପଦବୀ ପାଇଁ ଆଉ କୌଣସି ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ନ ଥିବାରୁ ସମସ୍ତ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ୩୧ନଂ. ପାଣି ପଞ୍ଚାୟତର ୨୨ଟି ସଭ୍ୟ ପଦବୀ ୨୨ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। କୌଣସି ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ନ ଥିବାରୁ ସମସ୍ତ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ଦୁଇ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ନିର୍ବାଚନ ଆସନ୍ତା ମାର୍ଚ୍ଚ ୪ ଓ ୧୧ରେ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଠୀ କହିଛନ୍ତି। ଅପରପକ୍ଷେ ପାଣିପଞ୍ଚାୟତ ନିର୍ବାଚନ ପାଇଁ ଜଳସେଚନ ବିଭାଗ ପକ୍ଷରୁ ସଚେତନତା କରାଯାଉଥିଲେ ମଧ୍ୟ ଚାଷୀମାନେ ନିର୍ବାଚନ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖାଯାଉଛି। ଫଳରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଭ୍ୟମାନେ ନିର୍ବାଚିତ ହେଉଥିବା କୁହାଯାଇଛି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ବନ୍ତ,୨୩।୨(ଡି.ଏନ.ଏ.)

ବନ୍ତ ବ୍ଲକ ନିଳୋକ ସତ୍‌ସଙ୍ଗ କେନ୍ଦ୍ରରେ ରବିବାର ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ଉତ୍ସବ ଓ ୪ର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବେଦ ମାଙ୍ଗଳିକ, ନହବତ୍, ଉଷାକୀର୍ତ୍ତନ, ସମବେତ ଉଷାବିନତି, ଗ୍ରନ୍ଥପାଠ, ସଙ୍ଗୀତାଞ୍ଜଳି ଓ ନଗର କୀର୍ତ୍ତନ ହୋଇଥିଲା। ସହପ୍ରତିଋତ୍ୱିକ ସ୍ୱାଇଁ ନୃସିଂହ ଶ୍ରୀଚନ୍ଦନଙ୍କ ପୌରୋହିତ୍ୟରେ ଆୟୋଜିତ ସତ୍‌ସଙ୍ଗରେ ବକ୍ତା ସହପ୍ରତିଋତ୍ୱିକ କ୍ଷୀରୋଦ କୁମାର ସ୍ୱାଇଁ ଓ ଅଧିକାରୀ ମୃତ୍ୟୁଞ୍ଜୟ ଦାଶ ଯୋଗଦେଇ ଠାକୁରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସତ୍ୟାନୁସରଣ ପାଠ କରିଥିଲେ ଯାଜକ କର୍ମୀ ଗଙ୍ଗାଧର ପୁହାଣ। ଭୁବନେଶ୍ୱରରୁ ଆଗତ ଗଙ୍ଗାଧର ପାତ୍ର, ଶଶୀକାନ୍ତ ପାଣି, ସୁମତି ପାଣି, ପ୍ରଫୁଲ୍ଲ ସାହୁ ପ୍ରମୁଖ ସଙ୍ଗୀତାଞ୍ଜଳି ଓ କୀର୍ତ୍ତନ କରିଥିଲେ। ଅପରାହ୍ନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଯାଜକ କର୍ମୀ ଅବିନାଶ ଚନ୍ଦ୍ର ନାୟକ, ଲକ୍ଷ୍ମୀଧର ଲେଙ୍କା, ଉପେନ୍ଦ୍ର ମିଶ୍ର, ମଦନ ମୋହନ ଜେନା, ନିରଞ୍ଜନ ପଣ୍ଡା, କାଳନ୍ଦୀ ଚରଣ ସାହୁ, ହରିହର ବାରିକ, ପଦ୍ମଲୋଚନ ବାରିକ, ମଧୁସୂଦନ ବେହେରା, ଗୋପାଳ ବାରିକ, ମଧୁସୂଦନ ନାୟକ, ଅନିରୁଦ୍ଧ ନାୟକ ପ୍ରମୁଖ ସହାୟତା କରିଥିଲେ। ନିଳୋକ, ପଧାନପଡ଼ା, ଷେଣ୍ଡତୀରା, ବନ୍ତ, ଟିଲୋ ପଞ୍ଚାୟତ ସମେତ ଭଣ୍ଡାରିପୋଖରୀ ବ୍ଲକରୁ ଶତାଧିକ ଗୁରୁଭ୍ରାତା ଓ ମା' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବାଲେଶ୍ୱର ଅଲରାଉଣ୍ଡରକୁ ଟ୍ରଫି

**ଅଟଳବିହାରୀ ମେମୋରିଆଲ କ୍ରିକେଟ**

ଆରଡ଼ି,୨୩।୧(ଡି.ଏନ.ଏ.)




ଅତିଥି ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଚାନ୍ଦବାଲି ବ୍ଲକ ଓଳଗ ପଞ୍ଚାୟତ ବୋଡ଼କ ଖେଳପଡ଼ିଆରେ ମଠଡିହ ଅଟଳବିହାରୀ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ବାଲେଶ୍ୱର ଅଲରାଉଣ୍ଡର ଟିମ୍ ଟ୍ରଫି ହାସଲ କରିଛି। ପୁରୀ ପାୟନର ଓ ବାଲେଶ୍ୱର ଅଲରାଉଣ୍ଡର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ପୁରୀ ପାୟନର ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ୨୪ ଓଭରରେ ୧୫୦ ରନ୍ କରି ସମସ୍ତ ଖେଳାଳି ଆଉଟ ହୋଇଯାଇଥିଲେ। ବାଲେଶ୍ୱର ଅଲରାଉଣ୍ଡର ୨୧ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ସୁନ୍ଦରପୁରର ପୂର୍ବତନ ସରପଞ୍ଚ କିଶୋର ନାୟକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଧାମନଗର ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟଅତିଥି, ଭାଜପା ନେତା ମାଧବାନନ୍ଦ ମଲ୍ଲିକ ମୁଖ୍ୟବକ୍ତା, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ନାନ୍ଦପୁର ସମିତିସଭ୍ୟ ସ୍ୱଦେଶ ପଣ୍ଡା, ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ, ସାମାଜିକ କର୍ମୀ ସ୍ୱାଧୀନ ଦାସ ଓ ଭାଜପା ନେତା ଶରତ କୁମାର ଖିଲାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ କହ୍ନେଇ ଚରଣ ବିଳାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ବିବରଣୀ ପାଠ କରିଥିଲେ ସନ୍ଦୀପ କୁମାର ନାୟକ। ଏହି ଅବସରରେ ସାମାଜିକ କର୍ମୀ ସୁରେନ୍ଦ୍ର ନାୟକଙ୍କୁ ସ୍ୱଚ୍ଛ ଭାରତ ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନ ଦାସ ଓ ପ୍ରଭାତ ବେହୁରିଆ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ପାତ୍ର, ସତ୍ୟବ୍ରତ ପୃଷ୍ଟି ଓ ବୁଧିରାମ ସାହାଣୀ ଧାରା ବିବରଣୀ ଦେଇଥିଲେ। ଅଟଳବିହାରୀ ସ୍ମୃତି କମିଟିର ସୁବ୍ରତ ବିଳାସ, ଦୀପ୍ତିରଞ୍ଜନ ନାୟକ, ସତ୍ୟଜିତ ବାରିକ, ଶୁଭେନ୍ଦୁ ନାୟକ, ମହାବାହୁ ସାହୁ ପ୍ରମୁଖ ସହାୟତା କରିଥିଲେ। ବାଲେଶ୍ୱର ଟିମ୍‌ର ଦିବ୍ୟଜ୍ୟୋତି ଚକ୍ରବର୍ତ୍ତୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ପୁରୀ ଟିମ୍‌ର ବିନୟ ପାଇକରାୟଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ମୁଖ୍ୟଅତିଥି ଉଇନର ଟ୍ରଫି ଓ ମୁଖ୍ୟବକ୍ତା ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ।

# ଚନ୍ଦ୍ରଶେଖର ଟିମ୍ ଚାମ୍ପିୟନ

**ହରିହର କ୍ରିକେଟ ଟୁର୍ନାମେଣ୍ଟ**

ଭଣ୍ଡାରିପୋଖରୀ,୨୩।୨(ଡି.ଏନ.ଏ)

ଭଣ୍ଡାରିପୋଖରୀ ବ୍ଲକ ମଠସାହି ଖେଳପଡ଼ିଆରେ ଚାଲିଥିବା ହରିହର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଠସାହିର ଗୋପୀନାଥଜୀଉ ଟିମ୍‌କୁ ହରାଇ ଭଣ୍ଡାରିପୋଖରୀ ଚନ୍ଦ୍ରଶେଖର ଟିମ୍ ଚାମ୍ପିୟନ ହୋଇଛି। ଚନ୍ଦ୍ରଶେଖର ଟିମ୍ ଟସ୍ ଜିତି ଗୋପୀନାଥଜୀଉ ଟିମ୍‌କୁ ବ୍ୟାଟିଂ ଦେଇଥିଲା। ଗୋପୀନାଥଜୀଉ ଟିମ୍ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ ରନ୍ କରିଥିଲା। ଦଳର ପ୍ରମୋଦ ସ୍ୱାଇଁ ୪୯ ଓ ଜନ୍ମେଜୟ ଦାସ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଅଭିମନ୍ୟୁ ଜେନା ୩ ଓଭର ୨ ଉଇକେଟ, ଦଶରଥ ଜେନା ୪ ଓଭର ୨ ଉଇକେଟ ନେଇଥିଲେ। ଜବାବରେ ଚନ୍ଦ୍ରଶେଖର ଟିମ୍ ୧୬.୪ ଓଭରରେ ୫ ଉଇକେଟ ହରାଇ ୧୬୫ ରନ୍ କରି ବିଜୟୀ ହୋଇଥିଲା। ଦଳର ଅଭିମନ୍ୟୁ ଜେନା ୧୦୨ ରନ ଓ ସନ୍ଦୀପ ପ୍ରଧାନ ୨୫ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରମୋଦ ସ୍ୱାଇଁ ୪ ଓଭର ୨ଉଇକେଟ, ଜନ୍ମେଜୟ ଦାସ ୪ ଓଭର ୨ ଉଇକେଟ ନେଇଥିଲେ। ଅମ୍ପାୟର ଶରତ ପଣ୍ଡା, ରାମଚନ୍ଦ୍ର ଦାସ, ସ୍କୋରର ରବୀନ୍ଦ୍ର ସାହୁ, ଭାଷ୍ୟକାର ପ୍ରତ୍ୟୁଷ ସାହୁ ଓ ମନୋରଞ୍ଜନ ନାୟକ ଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପ୍ରଭୁପାଦ ଦାସ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଭାଜପା ନେତା ବଦ୍ରିନାରାୟଣ ଧଳ, ଲକ୍ଷ୍ମୀଧର ନାୟକ, ସରପଞ୍ଚ ପ୍ରଶାନ୍ତ ସାହୁ, ଲଳିତ ରାଉତ, ରଜନୀକାନ୍ତ ଚନ୍ଦ ଓ ଲକ୍ଷ୍ମୀଧର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍‌କୁ ପୁରସ୍କୃତ କରିଥିଲେ। ଏଥିସହ ମ୍ୟାନ ଅଫ୍ ଦି ମ୍ୟାଚ୍ ଅଭିମନ୍ୟୁ, ମ୍ୟାନ ଅଫ୍ ଦି ସିରିଜ ବେଷ୍ଟ ଉଇକେଟ ରକ୍ଷକ ସଞ୍ଜୀବ ପ୍ରଧାନ, ବେଷ୍ଟ ବୋଲର ଜନ୍ମେଜୟ ଓ ବେଷ୍ଟ ଫିଲ୍ଡର ସୌଭାଗ୍ୟ ଶେଖର ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ ଟିମ୍।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରୂପ୍‌ସା,୨୩।୨(ଡି.ଏନ୍.ଏ.): ରୂପ୍‌ସା ଥାନା ବରହମପୁର ଗ୍ରାମର ଜିତେନ୍ଦ୍ର ବେହେରାଙ୍କୁ ମିରିଗିମୁଣ୍ଡି ଗ୍ରାମର ଗଦାଧର ସେନାପତି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ଥାନାରେ ଏକ ମାମଲା (ନଂ.୧୩/୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଜିତେନ୍ଦ୍ର ସାଇକେଲ ଯୋଗେ ଯାଉଥିବାବେଳେ ଶୁକ୍ରବାର ରାତିରେ ମିରିଗିମୁଣ୍ଡି ଗାଁ ବ୍ରାହ୍ମଣୀ ପୋଖରୀଠାରେ ତାଙ୍କୁ ଗଦାଧର ଆକ୍ରମଣ କରିଥିଲେ। ଏଥିସହ ଅଭିଯୁକ୍ତ ଜିତେନ୍ଦ୍ରଙ୍କ ସାଇକେଲ ଭଙ୍ଗାରୁଜା କରିବା ସହ ୧୨ଶହ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ରୂପ୍‌ସା ହାଟରୁ ବାଇକ୍ ଚୋରି

ରୂପ୍‌ସା,୨୩।୨(ଡି.ଏନ୍.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ହାଟରୁ ଶୁକ୍ରବାର ପୁଣି ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରୂପ୍‌ସା ଥାନା ଆଇଆଇସି ବିଶ୍ୱଜ କୁମାର ରାଉତରାୟ ତଦନ୍ତ ଜାରି ରଖିଛନ୍ତି। ସଦର ଥାନା ମହାପଦା ଗ୍ରାମର ବିଦେଶୀ ଦାସ ବାଇକ୍ (ନଂ. ଓଡ଼ି୦୧ଏନ୍-୨୦୬୭) ନେଇ ହାଟକୁ ଯାଇଥିଲେ। ଆର୍‌ଆଇ ଅଫିସ ନିକଟରେ ବାଇକ୍ ଲକ୍ କରି ହାଟ ଭିତରକୁ ଯାଇଥିଲେ। ପରିବାପତ୍ର କିଣି ଫେରିବା ବେଳକୁ ସେଠାରେ ତାଙ୍କ ବାଇକ୍ ନ ଥିବା ଜାଣିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ଚୋରି ବାଇକ୍‌ର ସନ୍ଧାନ ନ ମିଳିବାରୁ ସେ ରବିବାର ଲିଖିତ ଭାବେ ଥାନାରେ ଅଭିଯୋଗ କରିଛନ୍ତି। ନିୟମିତ ଏହି ହାଟରୁ ବାଇକ୍, ମୋବାଇଲ ଲୁଟ୍ ହେଉଥିବାରୁ ଚୋର ର୍‍ୟାକେଟ୍‌କୁ ଧରିବା ପାଇଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

### ସିଦ୍ଧ ମହାମୃତ୍ୟୁଞ୍ଜୟ ମନ୍ଦିରର ବାର୍ଷିକ ଉତ୍ସବ



ବାହାନଗା,୨୩।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ପଞ୍ଚାୟତର ଭିଲ୍ଲା ଗ୍ରାମସ୍ଥିତ ସିଦ୍ଧ ମହାମୃତ୍ୟୁଞ୍ଜୟ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୁନେ ସ୍ଥିତ ମହାମୃତ୍ୟୁଞ୍ଜୟ ମନ୍ଦିରର ପୂଜ୍ୟ ସିଦ୍ଧି ବାବାଜୀ ସ୍ୱାମୀ ହରୀଦାସଜୀ ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସିଦ୍ଧ ମନ୍ଦିରର କର୍ମକର୍ତ୍ତା ଜଗଦୀଶ୍ ମହନ୍ତ, ଦେବସ୍ମିତା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାମୀ ହରିଦାସଙ୍କ ବାରିପଦା ସ୍ଥିତ କାର୍ଯ୍ୟାଳୟର ପ୍ରଭାରୀ ଗଣେଶ ଚନ୍ଦ୍ର ମହନ୍ତ ଯୋଗଦେଇ ଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ରବିନାରାୟଣ ଜେନା, ବରିଷ୍ଠ ସିଦ୍ଧ ପ୍ରଭାକର ମହାନ୍ତି, ବରିଷ୍ଠ କର୍ମକର୍ତ୍ତା କିରଣବାଳା ମହାନ୍ତି,ଗୟାଧର ମହାନ୍ତି, କାଞ୍ଚନ ମଜୁମଦାର, ବିକ୍ରମ କେଶ୍ୱରୀ ଜେନା, ବିଷ୍ଣୁ ନାରାୟଣ ମଲ୍ଲିକ, ସୁବାସିନୀ ମହାନ୍ତି, ସତ୍ୟରଞ୍ଜନ ସାହୁ, ପ୍ରୀତିଲତା ସାହୁ, ସଞ୍ଜୟ ପାଣିଗ୍ରାହୀ, ପରେଶ ନାଥ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଧର୍ମ ସଭାରେ ସ୍ୱାମୀ ହରିଦାସଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ମନ୍ଦିର କମିଟିର ସମ୍ପାଦକ ଗୟାଧର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଥଇଥାନ ପରେ ଉଚ୍ଛେଦ କରାଯାଉ

ବାଲେଶ୍ୱର ଅଫିସ,୨୩।୨

ବାଲେଶ୍ୱର ସହର ଫାଣ୍ଡିଛକସ୍ଥିତ ଓଭରବ୍ରିଜ୍ ତଳେ ଦୋକାନ କରିଥିବା ବ୍ୟବସାୟୀମାନଙ୍କୁ ୧୫ଦିନ ମଧ୍ୟରେ ଉଚ୍ଛେଦ ପାଇଁ ବ୍ରିଟ୍ ପକ୍ଷରୁ ନୋଟିସ୍

**ଓଭରବ୍ରିଜ୍ ତଳ ଦୋକାନୀଙ୍କୁ ଉଠିଯିବା ଲାଗି ବ୍ରିଟ୍‌ର ନୋଟିସ୍**

ଦିଆଯାଇଛି। ଏହାର ପ୍ରତିବାଦରେ ବ୍ୟବସାୟୀ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ମିଳିତ ବୈଠକ କରି ଥଇଥାନ ପରେ ଉଚ୍ଛେଦ ପାଇଁ ଦାବି କରିଛନ୍ତି। ଦୀର୍ଘ ୩୫ବର୍ଷ ତଳେ ବ୍ରିଟ୍ ପକ୍ଷରୁ ୨ଶହରୁ ଅଧିକ ଦୋକାନଗୃହ ନିର୍ମାଣ କରାଯାଇ ଭଡ଼ା ସୂତ୍ରରେ ବିଭିନ୍ନବର୍ଗର ଲୋକମାନଙ୍କୁ ଦିଆଯାଇଥିଲା। ତେବେ ଓଭରବ୍ରିଜ୍‌ର ମରାମତି ନାମରେ ହଠାତ୍ ଦୋକାନୀମାନଙ୍କୁ ୧୫ଦିନ ମଧ୍ୟରେ ଦୋକାନ ଖାଲି କରିବା ପାଇଁ ବ୍ରିଟ୍ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ସେଠାରେ ଦୋକାନ କରୁଥିବା ବ୍ୟବସାୟୀମାନେ ଦୋକାନ ଉପରେ ନିର୍ଭର କରି ପରିବାର




ଉଚ୍ଛେଦ ପ୍ରତିବାଦରେ ବ୍ୟବସାୟୀ ସଂଘର ବୈଠକ।

ପ୍ରତିପୋଷଣ କରୁଥିବାବେଳେ ସେମାନଙ୍କୁ ବ୍ରିଟ୍ ପକ୍ଷରୁ କୌଣସି ପ୍ରକାର ଥଇଥାନ କରାଯିବା କୁହା ନ ଯାଇ ରାତାରାତି ଦୋକାନ ଖାଲି କରିବା ପାଇଁ ନୋଟିସ୍ ଦେବା ଘଟଣାର ପ୍ରତିବାଦ କରାଯାଇଛି।

ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ରଞ୍ଜନ ବାଗ ଏହି ସଭାରେ ଅଧ୍ୟକ୍ଷତା କରି ସମସ୍ତ ବ୍ୟବସାୟୀମାନଙ୍କୁ ଏକଜୁଟ୍ ହେବା ପାଇଁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ଜନପ୍ରତିନିଧି ଏବଂ ରାଜନେତାମାନେ ଏହି ଗରିବ ଦୋକାନୀମାନଙ୍କ ଥଇଥାନ ପ୍ରତି ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ। ସଂଘର ସଭାପତି ଅଜୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ରିଟ୍ ତରଫରୁ ଦୋକାନୀମାନଙ୍କ ପ୍ରତି ଦିଆଯାଇଥିବା ନୋଟିସ୍‌କୁ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ବୋଲି କହିଥିଲେ। ବ୍ରିଜ୍ ତଳେ ଥିବା ଦୋକାନ ଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ହଜାର ହଜାର ଲୋକ ପ୍ରତିପୋଷିତ ହେଉଥିବାବେଳେ ସେମାନଙ୍କ ସ୍ୱାର୍ଥକୁ ବ୍ରିଟ୍ କର୍ତ୍ତୃପକ୍ଷ ଅଣଦେଖା କରିବା ଚଳିବ ନାହିଁ ବୋଲି ସେ କହିବା ସଙ୍ଗେ ସଙ୍ଗେ ବ୍ୟବସାୟୀମାନେ ଐକ୍ୟବଦ୍ଧ ହୋଇ ଏହାର ମୁକାବିଲା କରିବା ଆବଶ୍ୟକ ବୋଲି କହିଥିଲେ। ପ୍ରାକ୍ତନ କାଉନ୍‌ସିଲର ଶମ୍ଭୁ ସିଂ, ବ୍ୟବସାୟୀ ସଂଘର ନେତା ରାଜେନ୍ଦ୍ର ଚାଟାର୍ଜୀ, କିଶୋର ଚନ୍ଦ୍ର ମହାପାତ୍ର, ସୋମନାଥ ପ୍ରସାଦ ଦାସ ଏବଂ ସମାଜସେବୀ ମଧୁସୂଦନ ଷଡ଼ଙ୍ଗୀ ପ୍ରମୁଖ ଉଦ୍‌ବୋଧନ ଦେଇ ଦୋକାନୀମାନଙ୍କ ସହିତ ସେ ଯେକୌଣସି ପରିସ୍ଥିତିରେ ରହିବେ ଏବଂ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭାକାର୍ଯ୍ୟ ଶେଷରେ ଦୋକାନୀମାନଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ବୈଠକରେ ୫ଶହରୁ ଊର୍ଦ୍ଧ୍ୱ ଦୋକାନୀ ଓ ତାଙ୍କ ପରିବାର ଲୋକେ ଯୋଗଦେଇଥିଲେ।

## ସର୍ବଭାରତୀୟ ଚିତ୍ରାଙ୍କନରେ ପୁଣି ପ୍ରଥମ ହେଲେ ମାହେଶ୍ୱରୀ

ସୋର, ୨୩।୨(ଡି.ଏନ୍.ଏ.)

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଗାନ୍ଧି ସେବା ସଂଘ ପୁରୁବାଇ କନ୍ୟାଶ୍ରମର ଅନ୍ତେବାସିନୀ ମାହେଶ୍ୱରୀ ରଣା ସର୍ବଭାରତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପୁଣି ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି। ପ୍ରକାଶ ଯେ, ରୂପ୍‌ସା ଅଂଚଳର ମନୋରମା ଓ ପର୍ଶୁରାମ ରଣାଙ୍କ କନ୍ୟା ମାହେଶ୍ୱରୀ ଏହି ଆଶ୍ରମରେ ୩ୟ ଶ୍ରେଣୀରୁ ଜଣେ ଅନ୍ତେବାସିନୀ ଭାବେ ଅଛନ୍ତି । ଏବେ ସେ ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ କଳା ୨ୟ ବର୍ଷର ଛାତ୍ରୀ। ହୋସ୍‌ଲା ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉଭୟ ଜିଲା ଓ ରାଜ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ। ଏଥସହ ଦିଲ୍ଲୀରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ମଧ ୧ମ ସ୍ଥାନ ଅଧିକାର କରିଛନ୍ତି । ଗତ ବର୍ଷ ମଧ ଏହି ପ୍ରତିଯୋଗିତାରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆରମ୍ଭରୁ ଭଲ ପାଠ ପଢ଼ିବା ସହ ନୃତ୍ୟ, ଗୀତ ଓ ଚିତ୍ରାଙ୍କନରେ ତାଙ୍କର ପାରଦର୍ଶିତା ବଜାୟ ରହିଛି। ଚିତ୍ରାଙ୍କନ ସହ ନୃତ୍ୟ ଓ ଗୀତରେ ମଧ୍ୟ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଗ୍ଲୋବାଲ ୱାର୍ମିଂ ସମ୍ବନ୍ଧୀୟ ଏହି ଚିତ୍ର ଆଙ୍କି ସେ ଦେଶର କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପଦକ ହାସଲ କରିଛନ୍ତି। ଏହି ସଫଳତା ପରେ ତାଙ୍କୁ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ସୋର ବିଧାୟକ ପର୍ଶୁରାମ ଧଡା ସମ୍ବର୍ଦ୍ଧିତ କରିବା ସହ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ମାହେଶ୍ୱରୀଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥି ସହ ସେ ପଢୁଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସ୍ୱତନ୍ତ୍ର ଭାବେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୋର ଅଂଚଳର ବହୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମାହେଶ୍ୱରୀଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ସଫଳତା ପରେ ସେ ନୂଆଦିଲ୍ଲୀରୁ ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବାରେ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କର ଆର୍ଶୀବାଦ ଲୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ମାହେଶ୍ୱରୀଙ୍କୁ ୫୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ଆଶ୍ରମର ସଂପାଦିକା ମନିତି ମହାନ୍ତିଙ୍କୁ ଦେଇଛନ୍ତି ମାହେଶ୍ୱରୀ।




ଭୋଗରାଇ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

## ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୋଗରାଇ,୨୩।୨(ଡି.ଏନ.ଏ.)

ଉତ୍ତମ ଛାତ୍ର ଗଢ଼ି ତୋଳିବାରେ ଅଧ୍ୟାପିକା ଅଧ୍ୟାପକଙ୍କ ଗୁରୁଦାୟିତ୍ୱ ରହିଛି। ଛାତ୍ରୀଛାତ୍ରଙ୍କ ଦୃଢ଼ ଇଚ୍ଛାଶକ୍ତି ଥିଲେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିପାରିବେ। ଚାପର ସମ୍ମୁଖୀନ ହୋଇ କର୍ତ୍ତବ୍ୟ ପାଳନ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହୁଏ ଓ ସ୍ୱପ୍ନକୁ ସାକାର କରିହୁଏ ବୋଲି ରବିବାର ବାଲେଶ୍ୱର ଜିଲା ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ(ଆର୍‌ଆଇଏଚ୍‌ଏସ୍)ର ୪୦ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

କଲେଜ ଅଧ୍ୟକ୍ଷ ସୁଶୀଲ କୁମାର ଗିରିଙ୍କ ପୌରୋହିତ୍ୟରେ ଅଧ୍ୟାପକ କୃତିବାସ ସାହୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲା ଯୋଜନା କମିଟିର ଅଧ୍ୟକ୍ଷ ବିଧାୟକ ଅନନ୍ତ ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଭୋଗରାଇ ମାଟି ମେଧାଶକ୍ତିର ଗନ୍ତାଘର। ସମସ୍ତ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବାକୁ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକଙ୍କୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ମଧୁମିତା ଦାସ, ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ତଥା ସାରସ୍ୱତ ସାଧକ ଡ. କାର୍ତ୍ତିକେଶ୍ୱର ପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଗଦାଧର ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପରେ କଲେଜର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅପରାହ୍ନରେ ନାଟ୍ୟସଂସଦ ପକ୍ଷରୁ ଡ୍ରୀସାମିଉଜିକ ଅର୍କେଷ୍ଟ୍ରା ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପିକା ତ୍ରିବେଣୀ ଧାରା, ଅଧ୍ୟାପକ ବ୍ରଜ ବିହାରୀ ପତି, ଦିଲୀପ କୁମାର ପାତ୍ର, ଡ. ଧୀରେନ୍ଦ୍ର ଜେନା, କେଦାରନାଥ ସିଂ ଦାସ, ଉମେଶ ଚନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଜଗଦୀଶ ଚନ୍ଦ୍ର ଗିରି ଧନ୍ୟବାଦ ଦେଇଥିଲେ।

## ୨ରେ ନୂତନ ଶିବ ମନ୍ଦିର ପ୍ରତିଷ୍ଠା

ରୂପ୍‌ସା,୨୩।୨(ଡି.ଏନ୍.ଏ.): ବାଲେଶ୍ୱର ଜିଲା ବସ୍ତା ବ୍ଲକ ବେଣାପୁରା ଗ୍ରାମରେ ନବନିର୍ମିତ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ମାର୍ଚ୍ଚ ୨ ତାରିଖରେ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ମୁଖ୍ୟ ସର୍ବେଶ୍ୱର ପତିଙ୍କ ପୌରୋହିତ୍ୟରେ ଗ୍ରାମବାସୀ ସର୍ବେଶ୍ୱର ପତି, ଦେବେନ୍ଦ୍ର ବେହେରା, ଅଶ୍ୱିନୀ କୁମାର ପଣ୍ଡା, ଅଧ୍ୟାପକ ଦୀପ୍ତିମାନ ପତି, ବ୍ରଜମୋହନ କୁଣ୍ଡ ପ୍ରମୁଖ ଯୋଗଦେଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସୂଚାରୁରୂପେ ତୁଲାଇବା ପାଇଁ ଦାୟିତ୍ୱ ବଣ୍ଟନ କରିଥିଲେ। ଏହି ଉତ୍ସବରେ ଶାଳିକୋଠା ବାଣୀଶ୍ୱର ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପଣ୍ଡିତ ରବି ନାରାୟଣ ରଥଶର୍ମା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପ୍ରତିଷ୍ଠା ଦିବସରେ ୧୦୮ କଳସ ଶୋଭାଯାତ୍ରା ସହ ଯଜ୍ଞ କାର୍ଯ୍ୟ ଓ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା କମିଟି ତରଫରୁ ଘୋଷଣା କରାଯାଇଛି।

## ଗୋପାଳପୁରରେ ହୋଲି ଉତ୍ସବ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବାହାନଗା,୨୩।୨(ଡି.ଏନ.ଏ.)

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପରିସରରେ ବୁଦ୍ଧିଜୀବୀ ଓ ବସନ୍ତ କମିଟି ପକ୍ଷରୁ ହୋଲି ତଥା ୫୫ତମ ବସନ୍ତ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ଅନ୍ତର୍ଯ୍ୟାମୀ ପଣ୍ଡା। ଶିକ୍ଷକ, ଶିକ୍ଷା କର୍ମଚାରୀ, ଗୋପାଳପୁର ବଜାର କମିଟିର ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଓ ସାଧାରଣ ଲୋକଙ୍କ ଦ୍ୱାରା ଗୋପାଳପୁରରେ ପାରମ୍ପରିକ ହୋଲି ଉତ୍ସବ ପାଳିତ ହୋଇଆସୁଛି। ଆସନ୍ତା ମାର୍ଚ୍ଚ ୧୦ରେ ବାର୍ଷିକ ବସନ୍ତ ଉତ୍ସବ କିପରି ଆଡମ୍ବରରେ ପାଳନ ହେବ ସେ ବାବଦରେ ବୈଠକରେ ଆଲୋଚନା କରାଯାଇଥିଲା। ପୂର୍ବବର୍ଷ ଭଳି ଚଳିତବର୍ଷ ଆଧ୍ୟାତ୍ମିକ ନୃତ୍ୟ, ସଙ୍ଗୀତ ଓ ସମ୍ବର୍ଦ୍ଧନା ସଭା କରାଯିବା ପାଇଁ ସ୍ଥିର ହୋଇଛି। ଚଳିତବର୍ଷ ଉତ୍ସବରେ ପାଣିରଙ୍ଗ ଓ ନିଶା ଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ଚୌଧୁରୀ କମଳାକାନ୍ତ ଦାସ, ବରେନ୍ଦ୍ର ସେଠୀ, ହରିଶ୍ ଚନ୍ଦ୍ର ଯେନା, ଅଭିରାମ ସାହୁ, ମନୋଜ ବିଶ୍ୱାଳ, ସତ୍ୟମଞ୍ଜରୀ ଦାଶ, ସଂଯୁକ୍ତା ଦାଶ, ରବୀନ୍ଦ୍ର ମିଶ୍ର, ରମଣୀକାନ୍ତ ମିଶ୍ର, ଦିବାକର ସାହୁ, ଉମାକାନ୍ତ ନାୟକ, ସୀତାକାନ୍ତ ତ୍ରିପାଠୀ ଓ ଶଙ୍କର୍ଷଣ ଶିଅଳ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ସୁଦର୍ଶନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ରାଜ୍ୟସ୍ତରୀୟ ବିଦ୍ୟାର୍ଥୀ ଲେଖକ କର୍ମଶାଳାରେ ମଞ୍ଚାସୀନ ଅତିଥି।

## ବିଦ୍ୟାର୍ଥୀ ଲେଖକ କର୍ମଶାଳା

ବାଲେଶ୍ୱର ଅଫିସ,୨୩।୨

ବାଲେଶ୍ୱର ସହର କାଳିଦାସପୁରସ୍ଥିତ କେମିଷ୍ଟ ଭବନରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ବିଦ୍ୟାର୍ଥୀ ଲେଖକ କର୍ମଶାଳା ଛାତ୍ର ସନ୍ଦେଶ ଅନୁଷ୍ଠାନ ପକ୍ଷରୁ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଜିଲାରୁ ସାହିତ୍ୟପ୍ରେମୀ ତଥା ସାହିତ୍ୟରେ ରୁଚି ରଖୁଥିବା ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

ଅତିଥି ଭାବେ ଓଡ଼ିଆ ସାହିତ୍ୟ ଜଗତର ବିଶିଷ୍ଟ କବି, ଲେଖକ, ପ୍ରାବନ୍ଧିକ, ସମ୍ପାଦକ ଅସିତ ମହାନ୍ତି ଏବଂ ପୂର୍ବତନ ଆଇଏଏସ୍ ତଥା କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ହରପ୍ରସାଦ ଦାସ, ଛାତ୍ର ସଂସଦର ସମ୍ପାଦକ ଅଧ୍ୟାପକ ପ୍ରଶାନ୍ତ ରାଉତ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବରେ ଉପେନ୍ଦ୍ର ବିଶ୍ୱାଳ ଓ ସୌମେନ୍ଦ୍ର ଜେନା ଯୋଗ ଦେଇଥିଲେ। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ତଥା ଅନ୍ୟ ମହାବିଦ୍ୟାଳୟରୁ ବହୁ ଛାତ୍ରୀଛାତ୍ର ଏହି ଏକଦିବସୀୟ କର୍ମଶାଳାରେ ଯୋଗଦେଇଥିଲେ। ଜିଲାରୁ ବହୁ ସାହିତ୍ୟପ୍ରେମୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

## ଗଣ୍ଡଗୋଳ ମାମଲା: ୨ ଗିରଫ

ବସ୍ତା, ୨୩।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ସାଉଡି ପଞ୍ଚାୟତରେ ୨୦୧୯ ମସିହାରେ ସରକାରଙ୍କ ପ୍ରାୟୋଜିତ ପିଠା କାର୍ଯ୍ୟକ୍ରମ ଚାଲୁଥିବା ବେଳେ ସେଠାରେ ଦୁଇଜଣ ଯୁବକ ଗଣ୍ଡଗୋଳ କରିଥିଲେ। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଏହି ମାମଲାରେ ରବିବାର ପୋଲିସ ସାଉଡି ଗ୍ରାମର ସୁଜନ ବେହେରା ଓ ଗୋପିନାଥପୁର ଗ୍ରାମର କର୍ଣ୍ଣକାନ୍ତ ଗୋଛାୟତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।




ଅତିଥିଙ୍କ ଗହଣରେ ବିଭିନ୍ନ କ୍ଲବ ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ।

## ତାଳମହୁରୀରେ ଯୁବ ସାଂସଦ କାର୍ଯ୍ୟକ୍ରମ

ଖଇରା,୨୩।୨(ଡି.ଏନ.ଏ)

ବାଲେଶ୍ୱର ଜିଲା ନେହେରୁ ଯୁବ କେନ୍ଦ୍ର ତରଫରୁ ରବିବାର ଦିନ ତାଳମହୁରୀ ଉପ୍ରା ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପଡୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମ ହରେକୃଷ୍ଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସବିତା ବେହେରା ପ୍ରାରମ୍ଭିକ ସୁଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ପରମେଶ୍ୱର ପାଢୀ ଜୀବନରେ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ଜେନା 'ବେଟି ବଚାଓ ବେଟି ପଢାଓ' ଉପରେ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଆଲୋକ କୁମାର ପଣ୍ଡା ସ୍ୱଚ୍ଛଭାରତ ମିଶନ ଉପରେ ଆଲୋକପାତ କରିଥିଲେ। ସତ୍ୟାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କ୍ଲବର ସଦସ୍ୟ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନୃସିଂହ ବେହେରା, ପ୍ରଦୀପ ବେହେରା, ଭାଗିରଥି ବେହେରା, ଗାୟତ୍ରୀ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋଲଂରେ ସ୍ୱାସ୍ଥ୍ୟସେବା ଶିବିର

ବାଲିଆପାଳ,୨୩।୨(ସ୍ୱ.ପ୍ର.)

ବାଲିଆପାଳ ବ୍ଲକ ବୋଲଂ ଗ୍ରାମରେ ସକ୍ଷମ ଫାଉଣ୍ଡସନ ଏବଂ ସ୍ଥାନୀୟ ଖେଳ କମିଟି ତରଫରୁ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସମାଜସେବୀ ତଥା ନାରୀନେତ୍ରୀ ସୁବାସିନୀ ଜେନା ଉଦ୍‌ଘାଟନ କରି ଗ୍ରାମାଞ୍ଚଳରେ ଗରିବ ଏବଂ ଅସହାୟଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ଆୟୋଜକ ଅନୁଷ୍ଠାନକୁ ପ୍ରସଂଶା କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଝାଡ଼େଶ୍ୱର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଜେଡି କୃଷକ ସେଲର ସଭାପତି ଅଜୟ ସାମଲ, ସୁଲତା ନାୟକ, ଯୋଗେନ୍ଦ୍ର ମହାପାତ୍ର, ମଧୁସୂଦନ ମଲ୍ଲିକ, ଖେଳ କମିଟିର ସଭାପତି ମୀନକେତନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଡା. ରତ୍ନାକର ଦାସ, ସତ୍ୟରଞ୍ଜନ ପାଣିଗ୍ରାହୀ, ସଦାନନ୍ଦ ରଥ, ମାଣିକରତନ ପ୍ରଧାନ, ମୈତ୍ରିମୟୀ ଗିରି, ମନୋଜ ସାହୁ, ସି.ଆର. ପରିଡ଼ା, ଅନନ୍ୟା ନାୟକ ପ୍ରମୁଖ ଯୋଗଦେଇ ଚିକିତ୍ସା କରିଥିଲେ। ଫାର୍ମାଶିଷ୍ଟ ପ୍ରଦୀପ ନାୟକ, ତପନ ନାୟକ ଯୋଗଦେଇ ଔଷଧ ବଣ୍ଟନ କରିଥିଲେ।



ସ୍ୱାସ୍ଥ୍ୟସେବା ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## 'ଗାଁରୁ ଉଜ୍ଜୀବିତ ହୁଏ କଳା, ସଂସ୍କୃତି'

ରୂପ୍‌ସା,୨୩।୨(ଡି.ଏନ୍.ଏ.)

ବାଲେଶ୍ୱର ସଦର ବ୍ଲକ ଲୋକକଳା କଳାକାର ସେବା ସଂଘ ଆନୁକୂଲ୍ୟରେ ଶନିବାର କଷାଫଳ ନୂଆହାଟ ପଡ଼ିଆରେ ୨ୟ ବାର୍ଷିକ ଲୋକକଳା ମହୋତ୍ସବ

**ଲୋକକଳା ମହୋତ୍ସବ ଉଦ୍‌ଘାଟିତ**

ଉଦ୍‌ଘାଟିତ ହୋଇଯାଇଛି। ସଦର ବ୍ଲକ ସୋସିଆଲ ଏଜୁକେଶନ ଅଫିସର ଅମ୍ବିକାମଣି ପୃଷ୍ଟି ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର ଉଦ୍‌ଘାଟନୀ ସନ୍ଧ୍ୟାରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶିଳ୍ପୀ କେଶୁ ଦାସ ଓ ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ ଯୋଗଦେଇ ଗାଁରୁ କଳା, ସଂସ୍କୃତି ଉଜ୍ଜୀବିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ତ୍ରିଲୋଚନ ବେହେରା, ମଧୁସୂଦନ ପାଢ଼ୀ, ଅତୁଲ ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ କଳାକାର ଓ ଲୋକକଳାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ମୁଖ୍ୟ ଆୟୋଜକ ଜଗଦୀଶ୍ୱର ଜେନା ଲୋକକଳା ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପୀ କେଶୁ ଦାସଙ୍କୁ 'ଯୁଧିଷ୍ଠିରମାନ୍ନା ସ୍ମୃତି ସମ୍ମାନ' ଓ କଳାକାର ଅତୁଲ ପାତ୍ରଙ୍କୁ 'ଲୋକ କଳାକାର ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ୨ଶହରୁ ଊର୍ଦ୍ଧ୍ୱ କଳାକାର ସଙ୍କୀର୍ତ୍ତନ କରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ କଳାକାରମାନେ ପାଲା, ଦାସକାଠିଆ, ଘୋଡ଼ାନାଚ, ସଙ୍କୀର୍ତ୍ତନ ଓ ଚଢ଼େଇୟା ନାଟ ପରିବେଷଣ କରିଥିଲେ। ଶେଷରେ କର୍ମକର୍ତ୍ତା ଜଗଦୀଶ୍ୱର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।



ଶିଳ୍ପୀ କେଶୁ ଦାସଙ୍କୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ୮ରେ ବିକାଶମଞ୍ଚର ରାଲି ଓ ପଥପ୍ରାନ୍ତ ସଭା

ବଡ଼ସାହି,୨୩।୨(ସ୍ୱ.ପ୍ର)- ବଡ଼ସାହିଠାରେ ସବ୍ ରେଜିଷ୍ଟ୍ରାର ଅଫିସ ଓ ବେତନଟୀକୁ ସବଡ଼ିଭିଜନ ମାନ୍ୟତା ପାଇଁ ବିକାଶମଞ୍ଚ ପକ୍ଷରୁ ମାର୍ଚ୍ଚ ୮ ତାରିଖରେ ଏକ ରାଲି ସହିତ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଛି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମାଣତ୍ରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଞ୍ଚର ଆବାହକ ତଥା ୨୪ଗୁଣନ ୭ ପ୍ରେସକ୍ଲବର ସଭାପତି ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ସଭାପତିତ୍ୱ କରିଥିଲେ । ଖବରଦାତା ଅରୁଣ କୁମାର ଓତା ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ । କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟରେ ମୂରଲୀଧର ନାଏକ, ପ୍ରକାଶ ଚନ୍ଦ୍ର କରମହାପାତ୍ର, ଜଗନ୍ନାଥ ପାତ୍ର, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ନିହାର ରଞ୍ଜନ ମହାପାତ୍ର, ତପନ ପତି, ସୁରେଶ ଚନ୍ଦ୍ର ପତି, ମନୋରଞ୍ଜନ ବେହେରା, ଜିଲାପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ସୁବୋଧ କୁମାର ଦଣ୍ଡପାଟ, ନରେନ୍ଦ୍ର ସିଂ, ମନୋଜ କୁମାର ପଣ୍ଡା, ରାକେଶ ସିଂ, ସଞ୍ଜୟ କୁମାର ମିଶ୍ର, ନୀଳାଦ୍ରି ବିହାରୀ ଦଣ୍ଡପାଟ, ରାକେଶ ମହାପାତ୍ର, ଶିବନାରାୟଣ ପତି, ମୀନା ମହାନ୍ତ ଓ ସନ୍ତୋଷ କୁମାର ଖଣ୍ଡା ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ଦିନ ୧୦ଟାରେ ବେତନଟୀ ହାଇସ୍କୁଲ ପଡ଼ିଆରୁ ରାଲି ବାହାରି ବଡ଼ସାହି-ମାଣତ୍ରୀ-ବୈଶିଙ୍ଗା ହୋଇ ମଧ୍ୟାହ୍ନରେ ବେତନଟୀକୁ ଫେରିବ । ଏହି ୩ଟି ସ୍ଥାନରେ ପଥପ୍ରାନ୍ତ ସଭା ସହିତ ବେତନଟୀରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହେବ । ରାଲିରେ ବଡ଼ସାହି ଓ ବେତନଟୀ ବ୍ଲକର ୫୪ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ପ୍ରାକ୍ତନ ପ୍ରତିନିଧି ଯୋଗଦେବା ପାଇଁ ମଞ୍ଚ ପକ୍ଷରୁ ଆମନ୍ତ୍ରଣ କରାଯିବା ନିଷ୍ପତ୍ତି ହୋଇଛି । ରାଲିକୁ ସଫଳ କରିବା ସାଙ୍ଗକୁ ଅଞ୍ଚଳର ଦାବିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସମସ୍ତଙ୍କ ସହଯୋଗ ପାଇଁ ନିବେଦନ କରାଯାଇଛି । ଶେଷରେ ମାଣତ୍ରୀ ସରପଞ୍ଚ ମହାଦେବା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୁଆଶୋଳରେ ମାତୃଭାଷା ଦିବସ

ଚିତ୍ରଡ଼ା,୨୩।୨(ଡି.ଏନ୍.ଏ.)- ମୋରଡା ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତର ଚୁଆଶୋଳ ଉ.ପ୍ରା ବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ସାନ୍ତାଳୀ, କୁଡ଼ମାଲି, ମୁଣ୍ଡାରୀ, ଖଡ଼ିଆ ସମ୍ପ୍ରଦାୟର ପିଲାମାନେ ନିଜ ଭାଷାରେ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଚିତ୍ରଡ଼ା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ନିଶିକାନ୍ତ ଗିରି, ସମ୍ମାନନୀୟ ଅତିଥି ଭାବେ ଏବିଇଓ ରମାକାନ୍ତ ମହାନ୍ତି ଏବଂ ଚିତ୍ରେଶ୍ୱର ସାହିତ୍ୟ ପରିଷଦର ସମ୍ପାଦକ ଶିକ୍ଷକ ଅଜୟ କୁମାର ପାଲ ପ୍ରମୁଖ ଯୋଗ ଦେଇଥିଲେ। ପିଲାମାନଙ୍କ ଦ୍ୱାରା କଳାପଟାରେ ଅଙ୍କା ଯାଇଥିବା ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ମହାନ ବ୍ୟକ୍ତି ବିଶେଷଙ୍କ ଚିତ୍ର ଉଚ୍ଚକୋଟୀର ହୋଇଥିଲା। ପ୍ରଧାନ ଶିକ୍ଷକ ଅଶ୍ୱିନି କୁମାର ସେନାପତି ବିଲୁପ୍ତ ହେଇଯାଉଥିବା କେତେକ ମାତୃଭାଷା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ତ୍ରିଲୋଚନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟ କୁମାର ପାତ୍ର, ମଧୁସୂଦନ ମାର୍ଣ୍ଡି, ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସାହୁ, ସସ୍ମିତା ଟୁଡୁ ଏବଂ ସ୍କୁଲ ଉନ୍ନୟନ ପରିଷଦର ଚେୟାରପର୍ଶନ ସରନ୍ତି ମହାନ୍ତ, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ପ୍ରବୀର ହାଁସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବିର

କୁଆମରା,୨୩।୨(ଡ଼ି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଖେଳ ଶିକ୍ଷକ ଆଶିଷ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ୧୨ ଦିନିଆ ଶିବିରରେ ମୋଟ ୧୧୬ ଛାତ୍ରୀ ତାଲିମ ନେଇଥିଲେ। ପ୍ରଶିକ୍ଷକ ଭାବେ ମାଳତୀ ମୁର୍ମୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ଅଧାପକ ନିର୍ମଳ କୁମାର ମହାପାତ୍ର, ସରୋଜ କୁମାର ସଦୁଆଳ, ଗୋଲକ ବିହାରୀ ଦାସ ପ୍ରମୁଖ ଯୋଗଦେଇ ନାରୀ ସୁରକ୍ଷା ଉପରେ ମତ ବ୍ୟକ୍ତ କରିଥିଲେ। ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୋର୍ ଧରିଲା 'ସରକାର ମୋତେ ରୋଜଗାର ଦିଅ' ଦାବି

ବାରିପଦା ଅଫିସ, ୨୩।୨

ଜିଲାକୁ ବେକାରମୁକ୍ତ କରିବା ପାଇଁ ଦାବିପତ୍ର ପ୍ରଦାନ ସହିତ ବିକ୍ଷୋଭ ପ୍ରଦର୍ଶନ କରାଗଲା। ହେଲେ କିଛି ବି ଫଳପ୍ରଦ ହେଲା ନାହିଁ। ଆଉ ନୁହେଁ ଏଥର ବେକାରମୁକ୍ତ ମୟୂରଭଞ୍ଜ ରଥ ଗଠନ କରାଯାଇ ଜିଲାର ବିଭିନ୍ନ ସ୍ଥାନରେ ବୁଲି ଜନସାଧାରଣଙ୍କୁ ସଚେତନ କରାଇବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଯିବ। ଆସନ୍ତା ମାର୍ଚ୍ଚ ୧୨ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ରଥ ଜିଲାର ବିଭିନ୍ନ ସ୍ଥାନରେ ବୁଲି ଜିଲାରେ ସବୁ କିଛି ସମ୍ବଳ ଥିଲା ବେଳେ କାହିଁକି ଯୁବତୀ ଯୁବକମାନେ ବେକାର ହୋଇ ବୁଲୁଛନ୍ତି ସେ ନେଇ ଲୋକମାନଙ୍କୁ ଜଣାଇବ। ସରକାର ମୋତେ ରୋଜଗାର ଦିଅ ନାରା ସାରା ଜିଲାରେ କମ୍ପିବ। ରବିବାର ଯୁବଛାତ୍ର ସଂଗଠନ ଭଞ୍ଜସେନା ଓ ଦଳିତ ଆଦିବାସୀ ମହାସଂଘ ଦ୍ୱାରା ବାରିପଦା ସ୍ମୃତି ଭବନଠାରେ ଆୟୋଜିତ ହୋଇଥିବା ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ମାର୍ଚ୍ଚ ୧୨ ତାରିଖରେ ବେତନଟୀଠାରୁ ଏହି ରଥ ବାହାରି ଜିଲାର ସମସ୍ତ ବ୍ଲକ ପରିକ୍ରମା କରିବ। ବେକାରମୁକ୍ତ ମୟୂରଭଞ୍ଜ ରଥ କିପରି ସୂଚାରୁରୂପେ ଯାତ୍ରା କରିବ ସେ ନେଇ ମଧ୍ୟ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା। ଶିମିଳିପାଳର ସୁରକ୍ଷା ସମେତ ଜିଲାର ପର୍ଯ୍ୟଟନସ୍ଥଳୀର ବିକାଶ, ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ କରିବା, ଜିଲାର ବନ୍ଦ ହୋଇ ପଡ଼ି ରହିଥିବା ଛୋଟ ବଡ଼ କଳକାରଖାନା ଗୁଡ଼ିକ କାର୍ଯ୍ୟକ୍ଷମ କରି ବେକାରମୁକ୍ତ ମୟୂରଭଞ୍ଜ ଗଠନ କରିବା ଲାଗି ସଂଘ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି କରୁଛି। ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସମେତ ଏହାର ଚତୁଃପାର୍ଶ୍ୱରେ ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଶତାଧିକ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରାଯାଇ ପାରିଲେ ବର୍ଷତମାମ ସେ ସ୍ଥାନକୁ ପର୍ଯ୍ୟଟକମାନଙ୍କ ଆଗମନ ହୁଅନ୍ତା। ଶିମିଳିପାଳ ଅଭୟାରଣ୍ୟରେ ଥିବା ଦୁର୍ଲଭ ଔଷଧୀୟ ବୃକ୍ଷଗୁଡ଼ିକୁ ଚିହ୍ନଟ କରି ଏହାକୁ ବାହାରକୁ ରପ୍ତାନି କରାଯିବା ସହିତ ଜିଲାରେ ଆୟୁର୍ବେଦ ଔଷଧ ନିର୍ମାଣ ଶିଳ୍ପ ପ୍ରତିଷ୍ଠା କରାଯାଇ ପାରନ୍ତା। ସବାଇ ଘାସ ଶିଳ୍ପ ଓ ବାଉଁଶ ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି କାଗଜକଳ ଓ ବାଉଁଶ କୁଟୀରଶିଳ୍ପ କରାଯାଇ ପାରିଲେ ଜିଲାରେ ବେକାରି ସଂଖ୍ୟା ହ୍ରାସ ହୋଇପାରନ୍ତା ବୋଲି ପ୍ରସ୍ତୁତି ବୈଠକରେ ମତ ପ୍ରକାଶ ପାଇଥିଲା। ଆବାହକ କଳିଙ୍ଗ କେଶରୀ ଜେନା, ରାକେଶ ସିଂ, ପିଣ୍ଟୁ ମାଇତି, ରାକେଶ ବେହେରା, ବାଜୁନ ହାଁସଦା, ସଂଯୁକ୍ତା ବସା, ଶିବ ଦ୍ୱିବେଦୀ, ଇଶାନ ସିଂ, ପ୍ରଫେସର ଗୋପବନ୍ଧୁ ମହାନ୍ତ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା, ରମେଶ କୁମାର ସିଂ, ଅସିତ ପତି, ଭାନୁମିତ୍ରକ ଆଚାର୍ଯ୍ୟଙ୍କ ସମେତ ଏକାଧିକ କର୍ମକର୍ତ୍ତା, ବୁଦ୍ଧିଜୀବୀମାନେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

- ଜିଲା ସାରା ଗଡ଼ିବ ବେକାରମୁକ୍ତ ମୟୂରଭଞ୍ଜ ରଥ
- ମାର୍ଚ୍ଚ ୧୨ରୁ ୨୩ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ

# ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପୁଣ୍ୟତିଥି


ଶ୍ରଦ୍ଧାଞ୍ଜଳି ଅବସରରେ ଉପସ୍ଥିତ କର୍ମକର୍ତ୍ତମାନେ।

ବାରିପଦା ଅଫିସ,୨୩।୨

ଆମେ ମୟୂରଭଞ୍ଜିଆ ଏବଂ ଆମେ ଭଞ୍ଜବୀର ପକ୍ଷରୁ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୦୮ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମହାରାଜାଙ୍କ ଜୀବନ ଆଦର୍ଶ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ରାଜତ୍ୱକାଳରେ ମୟୂରଭଞ୍ଜ କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା କ୍ଷେତ୍ରରେ ଏକ ସମୃଦ୍ଧ ତଥା ପ୍ରଗତିଶୀଳ ରାଜ୍ୟରେ ପରିଣତ ହୋଇଥିବା ବେଳେ ସାରା ଓଡ଼ିଶା ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିବା ନେଇ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଆମେ ମୟୂରଞ୍ଜିଆର ଆବାହକ ସଞ୍ଜୟ କୁମାର ଚୌଧୁରୀ, ଆମେ ଭଞ୍ଜବୀରର ସଭାପତି ଚନ୍ଦନ ସେଜପଡାଙ୍କ ସମେତ ଡ. ବନଜା ମହାନ୍ତି, ଡ. ଶ୍ୟାମସୁନ୍ଦର ଦାସ, ଆଇନଜୀବୀ ସୁଜାତା ମିଶ୍ର, ଖବରଦାତା ସୁକାନ୍ତ ଜୀଉ, ଡ. କୁଞ୍ଜବନ ପୃଷ୍ଟି, କଳ୍ପନା ଷଡଙ୍ଗୀ, ସଂଗ୍ରାମ କେଶରୀ ଜେନା, ରଘୁନାଥ ପଣ୍ଡା, ବର୍ଷାବୈଶାଳୀ ଓ ସତ୍ୟବ୍ରତ ବେହେରାଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମଧ୍ୟାହ୍ନଭୋଜନ ପାଚିକା, ସହାୟିକା ସଂଘ ସମାବେଶ


ସମାବେଶରେ ଯୋଗ ଦେଇଥିବା ପାଚିକା ଓ ସହାୟିକା।

କୋଷ୍ଟା,୨୩।୨(ଡି.ଏନ୍.ଏ.)

ଶୁଳିଆପଦା ବ୍ଲକ ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘର ଏକ ସମାବେଶ କୋଷ୍ଟାସ୍ଥିତ ଉଦୟନାଥ ଆଇଟିଆଇ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦିକା ଅନ୍ନଦା ଧଳଙ୍କ ଆହ୍ୱାନ କ୍ରମେ ଆୟୋଜିତ ସମାବେଶରେ ଶତାଧିକ ସଦସ୍ୟା ଯୋଗ ଦେଇଥିଲେ। ଏଥିରେ ଭାରତୀୟ ମଜଦୁର ସଂଘର ଜିଲା ଉପସଭାପତି ବିଶ୍ୱମ୍ଭର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମଣ ଦାସ, ମୁଖ୍ୟବକ୍ତା ରାଜ୍ୟ ସଂଯୋଜକ ବୋଧିରଞ୍ଜନ ମହାନ୍ତ (ବିଜୁ ଭାଇ), ସମ୍ମାନନୀୟ ଅତିଥି ଜିଲା କୋଷାଧ୍ୟକ୍ଷ ହେମଲତା ମିଶ୍ର ଓ ହିମାଂଶୁ ଶେଖର ଗିରି ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବନିମ୍ନ ପାରିଶ୍ରମିକ ପାଉଥିବା ପାଚିକା ଓ ସହାୟିକାଙ୍କ ପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କୁ ଅଣଦେଖା କରା ଯାଉଥିବା ଉପସଭାନେତ୍ରୀ ଶକୁନ୍ତଳା ସୋରେନ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଦାବି ହାସଲ ନିମନ୍ତେ ସଂଗଠିତ ହୋଇ ଆନ୍ଦୋଳନ କରାଯିବ ବୋଲି ସମାବେଶରେ ସ୍ଥିର କରାଯାଇଥିଲା । ସଂଘର ସଭାନେତ୍ରୀ ବନାନୀ ମହାନାଏକ ସଭା ପରିଚାଳନା କରିଥିଲେ।

# ଏଲ୍‌ଡିଏମ୍‌ଙ୍କ ସହ ଆଲୋଚନା କଲେ ଏମ୍‌ପି

ବାରିପଦା ଅଫିସ, ୨୩।୨

ଜିଲାର ସର୍ବାଙ୍ଗୀନ ଉନ୍ନତି ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନାର କାର୍ଯ୍ୟ ଉପରେ ମୟୂରଭଞ୍ଜ ଏମ୍‌ପି ଇଂ. ବିଶେଶ୍ୱର ଟୁଡୁ ଗୁରୁତ୍ୱାରୋପ କରିଛନ୍ତି। ଏ ନେଇ ମୟୂରଭଞ୍ଜ ଅଗ୍ରଣୀ ବ୍ୟାଙ୍କ୍ ମ୍ୟାନେଜର(ଏଲଡିଏମ୍) ଦିଲୀପ ସାହୁଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଏମ୍‌ପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଉ ଇଣ୍ଡିଆ ସ୍ୱପ୍ନକୁ ସାକାର କରିବା,୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା କରିବା, ମୁଦ୍ରା ଋଣ ଆଦି ଉପରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳ ଲୋକମାନଙ୍କୁ ନିରୁତ୍ସାହିତ ନ କରି ଉଚିତ ପରାମର୍ଶ ମାଧ୍ୟମରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିବାକୁ ବ୍ୟାଙ୍କମାନେ ଆଗଭର ହେବା ଦରକାର ବୋଲି କହିଥିଲେ। ଜିଲାର ଯୁବ ପିଢ଼ି, ମହିଳା ସମୂହ ଏବଂ କ୍ଷୁଦ୍ର କାରିଗରମାନଙ୍କୁ ଏହି ଯୋଜନାରେ ସାମିଲ କରି ଜିଲାକୁ ବିକାଶର ଧାରାରେ ଆଗେଇ ନେବାକୁ କହିଥିଲେ। ଏହି ଆଲୋଚନା ଅବସରରେ ଭାଜପା ନେତା ଛୋଟେଲାଲ୍ ମହାନ୍ତ, ସହଯୋଗୀ ହେମନ୍ତ ସାହ ଉପସ୍ଥିତ ଥିଲେ।

# ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ବାରିପଦା ଅଫିସ, ୨୩।୨

ନବ ଓଡ଼ିଶାର ଅନ୍ୟତମ ନିର୍ମାତା ମୟୂରଭଞ୍ଜ ରାଜ୍ୟର ପ୍ରାକ୍ତନ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ୧୦୮ ତମ ଶ୍ରାଦ୍ଧବାର୍ଷିକୀ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପାଳିତ ହୋଇଯାଇଛି। ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ମହାରାଜାଙ୍କ ମଧୁବନସ୍ଥିତ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବା ବେଳେ ସନ୍ଧ୍ୟାରେ ଶ୍ରୀମା ମହିଳା ମହାବିଦ୍ୟାଳୟ ସମ୍ମିଳନୀକକ୍ଷରେ ଆଇନଜୀବୀ ଶ୍ରୀନିବାସ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ ଶିବାନୀ ଭଞ୍ଜଦେଓ, ମୁଖ୍ୟବକ୍ତା ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ଅଧ୍ୟକ୍ଷା ବୀଣା ଦାଶ, ସମ୍ମାନିତ ବକ୍ତା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ସହକାରୀ ପ୍ରଫେସର ଡା. ସୁମିତ୍ରା ସୋରେନ, ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନଟବର ଗିରି ପ୍ରମୁଖ ଯୋଗଦେଇ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ମନୋଜ କୁମାର ଦଳବେହେରା, ଡ. ସରୋଜ ନାୟକ, ନରେନ୍ଦ୍ର ମୋହନ ସେନାପତି, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ବରିଷ୍ଠ ବୁଦ୍ଧିଜୀବୀ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଡ. ଶଶିଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ସାହିତ୍ୟିକ ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ୱାରଶୁଣି ଘାଟିରେ ଦୁର୍ଘଟଣା, ୩ ଗୁରୁତର

ବାଙ୍ଗିରିପୋଷି,୨୩।୨(ଡି.ଏନ୍.ଏ.)

ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ପୁଣି ଘଟିଛି ଦୁର୍ଘଟଣା । ଗତ ଶନିବାର ବିଳମ୍ବିତ ରାତିରେ ଏକ କୁଣ୍ଡା ବୋଝେଇ ଟ୍ରକ ଘାଟି ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ୫୦ ଫୁଟରୁ ତଳକୁ ଖସି ପଡ଼ିବାରୁ ଏହାର ଚାଳକ ଗୁରୁତର ଆହାତ ହୋଇଛନ୍ତି। ରବିବାର ଅପରାହ୍ନରେ ଏକ ମାର୍ବଲ ବୋଝେଇ ଟ୍ରେଲର ଗୁଜୁରାଟରୁ ମେଦିନାପୁର ଯାଉଥିବା ବେଳେ ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡ଼ିଥିଲା। ଫଳରେ ଏହାର ଚାଳକ ଓ ଖଲାସୀ ଚାପି ହୋଇ ରହିଥିଲେ। ଖବର ପାଇ ବାଙ୍ଗିରିପୋଷି ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଆହତଦ୍ୱୟ ହେଲେ ରାଜସ୍ଥାନର ଚାଳକ କିଶନ ଲାଲ ଏବଂ ଖଲାସୀ ମଦନ ଲାଲ।


ଘାଟି ତଳକୁ ଓଲଟି ପଡ଼ିଥିବା ଟ୍ରେଲର।

# ମୁର୍ଗାବାଡ଼ିରେ ଗଣବିବାହ

ବାରିପଦା ଅଫିସ,୨୩।୨

ମୁର୍ଗାବାଡ଼ି ୟୁଥ୍ କ୍ଲବ ଆନୁକୂଲ୍ୟରେ ୧୦ ବର୍ଷ ହେଲା ଗଣବିବାହ ଅନୁଷ୍ଠିତ ହୋଇ ଆସୁଛି। ମଙ୍ଗଳବାର ସନ୍ଧ୍ୟାରେ ୧୫ ଯୋଡ଼ା ବରକନ୍ୟାଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଷ୍ଠାନ ଓ ବଦାନ୍ୟ ବ୍ୟକ୍ତିବିଶେଷ ସହାୟତା କରିଥିଲେ। ୟୁଥ କ୍ଲବର ସଭାପତି ଜୀବନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ଇଂ. ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ପିଆରଏମ ମେଡିକାଲର ସହକାରୀ ପ୍ରାଧ୍ୟାପିକା ସୁମିତ୍ରା ସୋରେନ୍ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଗୋବିନ୍ଦ ଚନ୍ଦ୍ର ସାହୁ, ଡା.ଶିରୀଶ ଚନ୍ଦ୍ର ପରିଡ଼ା, ଗୌରାଙ୍ଗ ଚରଣ ସାହୁ, ଲଳିତ ଖଣ୍ଡେଲୱାଲା, ରାକଶେ ସିଂ, ଏସ୍.ବିଶ୍ୱାଳ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ।ବରିଷ୍ଠ ନାଗରିକ, ଦାଦିମା ମାରୱାଡ଼ି ମହିଳା ସମିତି, ବହୁ ସଦସ୍ୟ ସହାୟତାର ହାତ ବଢ଼ାଇଥିଲେ। ୟୁଥ୍ କ୍ଲବର ସୁଶାନ୍ତ ପଣ୍ଡା, ଅଂଶୁମାନ ଦାସ,ଏସ୍ କେ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଏହି ବିବାହରେ ସହଯୋଗ କରିଥିଲେ।

# ଆରମ୍ଭ ହେଲା ଚିତ୍ରଡ଼ା ପ୍ରିମିୟର ଲିଗ୍

ଚିତ୍ରଡ଼ା,୨୩।୨(ଡି.ଏନ୍.ଏ.)

ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାସଗୋବିନ୍ଦପୁର, ମୋରଡ଼ା, ବେତନଟୀ ଆଦି ବ୍ଲକର ବ୍ଲାକ ଜାଗୁଆର୍, ସୁପର ଇଣ୍ଡିଆନ୍ସ, ୱାରିୟର୍ସ, ଚିତ୍ରଡା ୱାରିୟର୍ସ ଏବଂ ସ୍ୱାର୍ଟନ ଆଦି ୫ କ୍ରିକେଟ ଟିମ୍ ଅଂଶଗ୍ରହଣ କରିଛନ୍ତି। ନିଲାମ ପ୍ରକ୍ରିୟାରେ ୫ ମାଲିକ ଭାଗ ନେଇଥିଲେ। ଆସୋସିଏଶନର ସଭାପତି ଏସକେ ମୁସ୍ତୋଫାରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ ଲଲାଟେନ୍ଦୁ ବେହେରା ଯୋଗଦେଇ ଫିତା କାଟି ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ମିଷ୍ଟ ୱାରିୟର୍ସ ଏବଂ ସୁପର ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁପର ଇଣ୍ଡିଆନ୍ସ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ମିଷ୍ଟ ୱାରିୟର୍ସ ୮୩ରନ କରି ପରାଜିତ ହୋଇଥିଲା।


ମୁଖ୍ୟ ଅତିଥି ଫିତାକାଟି ଖେଳକୁ ଉଦ୍‌ଘାଟନ କରୁଛନ୍ତି।

# ୟୁଥ୍ କ୍ରିକେଟ୍ କ୍ଲବ୍ ରାଉରକେଲା ଚାମ୍ପିୟନ

ରାଇରଙ୍ଗପୁର,୨୩।୨(ଡି.ଏନ୍.ଏ.)

**ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ**

ରାଇରଙ୍ଗପୁର କଚେରି ପଡ଼ିଆରେ ସ୍ଥାନୀୟ ସହରାଞ୍ଚଳର ଇନ୍ଦ୍ରାଣୀ ଗୁପ୍ତା ଏବଂ ଜ୍ୟୋତିଷ ଗୁପ୍ତାଙ୍କ ସ୍ମୃତିରେ ଆଦିତ୍ୟ କନ୍‌ଷ୍ଟ୍ରକ୍‌ସନ୍ ପକ୍ଷରୁ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବ୍ ବାଲେଶ୍ୱରର ୟୁ ଆଣ୍ଡ ମି କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବ୍‌ର ବିକାଶ ଚୌଧୁରୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିଲେ। ଓସିଏ ପ୍ୟାନେଲ ଅମ୍ପେୟାର ଦୁର୍ଗାମାଧବ ପଟ୍ଟନାୟକ ଓ ଯଜାତି କିଶୋରୀ ପଟ୍ଟନାୟକ ମ୍ୟାଚ ପରିଚାନଳା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ରାଇରଙ୍ଗପୁର ଡିଏଫ୍‌ଓ ଡା. ଅରୁଣ କୁମାର ମିଶ୍ର ଏବଂ ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଉଦ୍ୟୋକ୍ତା ଗୁପ୍ତା ପରିବାରର ସଦସ୍ୟ ମୟୁର ଗୁପ୍ତା ଏବଂ ଚନ୍ଦନ ଗୁପ୍ତାଙ୍କ ସମେତ ଆଡ୍‌ଭୋକେଟ୍ ମନୋଜ ଦାସ, ଶାନ୍ତନୁ ପଟ୍ଟନାୟକ, ଶୁଶିଲ କୁମାର ମହାନ୍ତ, ଅଧ୍ୟାପକ ବିଜୟ କୁମାର ରାମ, ପଙ୍କଜ ଦାସ, ବିଜନ ବରାଳ ଏବଂ କିଶୋର ରଜାକ ପ୍ରମୁଖ ସହଯୋଗ କରିଥିଲେ।

# 'ରାଷ୍ଟ୍ର ଉଦ୍ଦେଶ୍ୟରେ ନିଜକୁ ନିୟୋଜିତ କରିବା ଯନ୍ତ୍ରୀଙ୍କ ବ୍ରତ ହେଉ'

ବାରିପଦା ଅଫିସ, ୨୩।୨

ସ୍ଥାନୀୟ ବାହାଦୁରପୁର (ପୋଡ଼ାଅସ୍ତିଆ)ସ୍ଥିତ ଡିପ୍ଲୋମା ଇଞ୍ଜିନିୟରିଂ ଅନୁଷ୍ଠାନ ଡିଭାଇନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ଦ୍ୱାଦଶ ବାର୍ଷିକ ଉତ୍ସବ ୟୁଫୋନି- ୨୦୨୦ ଦୁଇଦିନ ଧରି ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ଡ. ସୁଜିତ କୁମାର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ, ରାଜ୍ୟ କୃଷି ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାରିପଦା ଏଏସ୍‌ପି ଅଭିମନ୍ୟୁ ନାଏକ, ଆଇଟିଡିଏର ପ୍ରକଳ୍ପ ଅଧିକାରୀ ତଥା ଉପଜିଲାପାଳ ବିଜନ କୁମାର ଥମ୍ବ, ଜଗଦମ୍ବା ପଲିମର୍ସ ପ୍ରା.ଲିର ଏମ୍‌ଡି ସିପି ଭର୍ତ୍ତିଆ, ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ପୂର୍ବତନ ପ୍ରାଧ୍ୟାପକ ଡ. ପ୍ରିୟବ୍ରତ ମାଝି ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ବାଙ୍ଗିରିପୋଷି ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ର ଉଦ୍ଦେଶ୍ୟରେ ନିଜକୁ ନିୟୋଜିତ କରିବାର ଅଭିପ୍ସା ଯୁବ ଇଞ୍ଜିନିୟର (ଯନ୍ତ୍ରୀ)ମାନଙ୍କ ମଧ୍ୟରେ ବ୍ରତ ହେଉ ବୋଲି ପ୍ରକାଶ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ସାରସକଣାର ପୂର୍ବତନ ବିଧାୟକ ଭାଦବ ହାଁସଦା,ଟ୍ରଷ୍ଟି କାହ୍ନୁ ସୋରେନ୍, ଏମଏସଇର ଅଧ୍ୟକ୍ଷ ଇଂ. ଧରମବୀର ବୁଗୁଡେଇ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। କଲେଜର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ ଏକ ସୁସ୍ଥ ତଥା ଆଦର୍ଶ ସମାଜ ସହିତ ଦେଶ ଗଠନ କରିବାର ସ୍ୱପ୍ନକୁ ସାକାର କରିବା ସକାଶେ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର ସେଭୋୟର୍-ଫେୟାର୍‌କୁ ଉନ୍ମୋଚନ କରିଥିଲେ। ସେହିଭଳି ଏହି ଅବସରରେ ସାମାଜିକ ତଥା ସେବା କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଅତିଥିମାନେ ଅନୁଷ୍ଠାନର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।

**ଡିଭାଇନ୍ ଇନ୍‌ଷ୍ଟିଚ୍ୟୁଟର ୟୁଫୋନି-୨୦୨୦**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଫେବୃୟାରୀ ୨୪/୨୦୨୦ Balasore, Monday, February 24/2020

## ସଂକ୍ଷେପରେ

### ଶାଢ଼ିରେ ନିଆଁ ଲାଗି ମହିଳା ଗୁରୁତର

**ଭଣ୍ଡାରିପୋଖରୀ,୨୩।୨(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଅଧୀନ ବଣସାହି ଗ୍ରାମର ମନୋରଞ୍ଜନ ଜେନାଙ୍କ ସ୍ତ୍ରୀ ମିନତିଙ୍କ ଶାଢ଼ିରେ ଡିବିରି ଆଲୁଅରୁ ନିଆଁ ଲାଗିଯିବାରୁ ସେ ଗୁରୁତର ହୋଇଛନ୍ତି। ସେ ଏବେ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ମିନତି ଶନିବାର ରାତିରେ ପିଲାଙ୍କୁ ଖାଇବାକୁ ଦେବା ପାଇଁ ବାଢୁ ଥିବାବେଳେ ବିଦ୍ୟୁତ୍ ନ ଥିବାରୁ ଡିବିରି ଆଲୁଅ ଜଳାଇଥିଲେ। ଅସାବଧାନତାବଶତଃ ତାଙ୍କ ଶାଢ଼ି ଡିବିରିରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ନବବଧୂଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ବସ୍ତା, ୨୩।୨(ଡି.ଏନ.ଏ):** ବାଲେଶ୍ୱର ଜିଲା ସିଂଲା ଥାନା ନାଡବଣି ଗ୍ରାମରେ ଜଣେ ନବବଧୂଙ୍କୁ ତାଙ୍କ ଶାଶୁ ଘର ଲୋକେ ଯୌତୁକ ନିର୍ଯାତନା ଦେବା ନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଅଶୋକ ପ୍ରଧାନଙ୍କ ପୁଅ ଗୌତମ ବସ୍ତା ବ୍ଲକ ଇଡଦା ଗ୍ରାମର ଅର୍ପିତାଙ୍କୁ ୬ମାସ ପୂର୍ବେ ବିବାହ କରିଥିଲେ। ମାତ୍ର ଏବେ ତାଙ୍କ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ସହ ୫ଲକ୍ଷ ଟଙ୍କା ଅଧିକ ଯୌତୁକ ଦାବି କରି ମହିଳାଙ୍କୁ ମାଡ଼ ମାରୁଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ରବିବାର ଏକ ଯୌତୁକଜନିତ ନିର୍ଯାତନା ମାମଲା (ନଂ.୪୩/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

# ପରିବହନକୁ ନେଇ ଥମୁନି ବିବାଦ

## ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଶ୍ରମିକ ଅଶାନ୍ତି

**ଯୋଡ଼ା, ୨୩।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ବାମେବାରୀ ଥାନା ଅନ୍ତର୍ଗତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ନିଯୁକ୍ତି ଓ ପରିବହନ କାର୍ଯ୍ୟକୁ ନେଇ ଶ୍ରମିକ ଅଶାନ୍ତି ଲାଗି ରହିଛି। ପୂର୍ବରୁ ଉକ୍ତ ଖଣିରେ ପରିବହନ କାର୍ଯ୍ୟ ସନାତନ ମହାକୁଡଙ୍କ ସମର୍ଥକ ମା' କୁଆଁରୀ ଟ୍ରାନ୍ସପୋର୍ଟ ସଂସ୍ଥା କରୁଥିଲା। ସେତେବେଳେ ଏହି ଖଣିର ପରିବହନ କାର୍ଯ୍ୟ ହାତେଇବା ଲକ୍ଷ୍ୟ ରଖି ତତ୍କାଳୀନ ବିଧାୟକ ସନାତନଙ୍କ ସମର୍ଥକମାନେ ସ୍ଥାନୀୟ ଗ୍ରାମବାସୀଙ୍କୁ ଏହି କାର୍ଯ୍ୟରେ ଅଂଶୀଦାର ଭାବେ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ଉକ୍ତ ଖଣିରେ ନିଯୁକ୍ତି ଓ ପରିବହନ କାର୍ଯ୍ୟରେ ଅଂଶୀଦାର ହେବା ଆଶାରେ ସ୍ଥାନୀୟ ଗ୍ରାମବାସୀ କିଛି ଅର୍ଥ ଯୋଗାଡ କରି ସମ୍ପୃକ୍ତ ଟ୍ରାନ୍ସପୋର୍ଟକୁ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ପ୍ରତାରଣା କରାଯାଇଥିଲା। ସେମାନଙ୍କୁ ନିଯୁକ୍ତି କିମ୍ବା ପରିବହନ କାର୍ଯ୍ୟରେ ଅଂଶୀଦାର କରାଯାଇ ନ ଥିଲା। କେବଳ ମାସିକ ଭତ୍ତା ଆକାରରେ ବ୍ୟକ୍ତି ପିଛା ଏକ ହଜାର ଟଙ୍କା କିଛି ମାସ ପର୍ଯ୍ୟନ୍ତ ଦିଆଯାଇଥିଲା। ଏବଂ ପରବର୍ତ୍ତୀ ସମୟରେ ତାକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା। ଖଣି କମ୍ପାନୀ ମଧ୍ୟ ଅଞ୍ଚଳର ବିଧାୟକ ଓ ତାଙ୍କ ସମର୍ଥକଙ୍କୁ କାର୍ଯ୍ୟ ଦେଇ ଗ୍ରାମବାସୀଙ୍କୁ ଉପେକ୍ଷା କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖଣିରେ ନିଯୁକ୍ତି ଓ ପରିବହନ ଦାବି କରି ଗ୍ରାମବାସୀ ବହୁବାର ଧାରଣା ଓ ଆନ୍ଦୋଳନ କରିବା ପରେ ପରିବହନ କାର୍ଯ୍ୟର ଶତକଡ଼ା ୬୫ ପ୍ରତିଶତ ଗ୍ରାମବାସୀ ଏବଂ ଶତକଡା ୩୫ ପ୍ରତିଶତ ବିଧାୟକଙ୍କ ସମର୍ଥକମାନେ କାର୍ଯ୍ୟ ପାଇଥିଲେ। ଗ୍ରାମବାସୀ ଗତ ବର୍ଷଠାରୁ ପରିବହନ କାର୍ଯ୍ୟ କରିଆସୁଥିଲେ। ମାତ୍ର ବିଧାୟକଙ୍କ ସମର୍ଥକମାନେ ଗ୍ରାମବାସୀ ପାଇଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ଛଡ଼ାଇ ନେବା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ସେମାନଙ୍କୁ ହଇରାଣ ହରକତ କରିବା ସହିତ ଭୟଭୀତ କରୁଛନ୍ତି ବୋଲି ଉଁଚବାଲୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ, ମହେଶ୍ୱର ବାରିକ, ଚର୍ତୁଭୁଜ ନାଏକ, ବାସୁଦେବ ନାଏକ, ଦୟାନିଧି ନାଏକ, ରଞ୍ଜିତ ନାଏକ, ଶରତ ନାଏକ, ସମା ମୁଣ୍ଡା, ସୁପାର କାଣ୍ଡି, ସଞ୍ଜୟ ଗିରି ପ୍ରମୁଖ ଅଭିଯୋଗ କରିଛନ୍ତି।

ସେମାନେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ଦେଇ ଖଣି କମ୍ପାନୀ ସମ୍ପୂର୍ଣ୍ଣ ଯାନ୍ତ୍ରିକ ପଦ୍ଧତିରେ ଖଣି ଉତ୍ତୋଳନ କରୁଛି। ଯାହା ଫଳରେ ସ୍ଥାନୀୟ ଲୋକେ ନିଯୁକ୍ତି ନ ପାଇବାରୁ ଗ୍ରାମରେ ବେରୋଜଗାର ବୃଦ୍ଧି ପାଇଛି। ପରିବହନ କାର୍ଯ୍ୟରେ ଅଂଶୀଦାର ହୋଇ ଗ୍ରାମବାସୀ କିଛି ଅର୍ଥ ଉପାର୍ଜନ କରି ନିଜର ଜୀବିକା ମେଣ୍ଟାଇବାର ଯେଉଁ ଆଶା ରଖିଥିଲେ ତାହା ମଧ୍ୟ ଖଣି କମ୍ପାନୀ ଏବଂ ସ୍ଥାନୀୟ ବିଧାୟକଙ୍କ ଚକ୍ରାନ୍ତ ଯୋଗୁ ଆଶା ମଉଳି ଯାଇଛି। ରବିବାର ଅପରାହ୍ନରେ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ସ୍ଥାନୀୟ ଗ୍ରାମବାସୀ ପରିବହନ କାର୍ଯ୍ୟ ତଦାରଖ କରୁଥିବାବେଳେ ବିଧାୟକଙ୍କ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଉକ୍ତ ଖଣିର ଗେଟ୍ ସମୁଖରେ ହୋହଲ୍ଲା କରି ଭୟଭୀତ କରିବା ସହିତ ଏକ ରାଲି ପ୍ରଦର୍ଶନ କରିଥିଲେ। ଫଳରେ ଉକ୍ତ ଅଞ୍ଚଳରେ ଏକ ପ୍ରକାର ଉତ୍ତେଜନା ପରିସ୍ଥିତି ଉପୁଜିବାରୁ ବାମେବାରୀ ପୋଲିସ ଘଟଣାସ୍ଥଳରେ ମୁତୟନ ହୋଇଥିଲେ। ଏଭଳି ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରାୟ ଅନେକ ସମୟରେ ଉପୁଜୁଥିଲେ ସୁଦ୍ଧା ଖଣି କମ୍ପାନୀ କିମ୍ବା ପ୍ରଶାସନ ଏହାର କୌଣସି ସ୍ଥାୟୀ ସମାଧାନ ଲାଗି ଚେଷ୍ଟା କରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।



କିରୋସିନ ମିଶିଥିବା ନଳକୂପକୁ ଯାଞ୍ଚ କରୁଛନ୍ତି ମତୋ ଫାଣ୍ଡି ଅଧିକାରୀ।

# ନଳକୂପରେ ଢାଳିଦେଲେ କିରୋସିନ

**ଚାନ୍ଦବାଲି,୨୩।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ପଞ୍ଚାୟତ ଅଧୀନ ନିଆରିସାହିର ଏକ ନଳକୂପରେ କେହି ଦୁର୍ବୃତ୍ତ କିରୋସିନ ଓ ସିମେଣ୍ଟ ଢାଳି ଦେଇଛନ୍ତି। ଏ ନେଇ ଗାଁର କେତେଜଣ ମହିଳା ଓ ପୁରୁଷ ମତୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ମତୋ ଫାଣ୍ଡି ଅଧିକାରୀ ସେଠାରେ ପହଞ୍ଚି ସତ୍ୟାସତ୍ୟ ପରଖିଛନ୍ତି।

ଏହି ନଳକୂପ ଉପରେ ଗାଁର ୨୦ରୁ ଅଧିକ ପରିବାର ନିର୍ଭର କରନ୍ତି। ତେବେ ଏହି ନଳକୂପରୁ ବଳକା ପାଣି ଯାଇ ପାଖ ନାଳରେ ମିଶିଥାଏ। ଭଦ୍ରକ-ଚାନ୍ଦବାଲି ରାସ୍ତା ସମ୍ପ୍ରସାରଣ ହେବା ପରେ ରାସ୍ତାର ଉଚ୍ଚତା ବଢ଼ିଛି। ଫଳରେ ଏଠାରୁ ପାଣି ନିଷ୍କାସନରେ ସମସ୍ୟା ହୋଇଛି। ଗତ ଦୁଇବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଜିଲାପାଳ, ଅତିରିକ୍ତ ଜିଲାପାଳ, ବିଡିଓ ଏବଂ ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। କିନ୍ତୁ ଏଯାଏ ସମସ୍ୟାର ସମାଧାନ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ନଳକୂପର ଚତୁଃପାର୍ଶ୍ୱରେ ମଇଳା ପାଣି ଜମି ପରିବେଶକୁ ପ୍ରଦୂଷିତ କରୁଛି। ସାମାନ୍ୟ ବର୍ଷାରେ ଦୀର୍ଘଦିନ ଧରି ଏଠାରେ ପାଣି ଜମି ରହିବା ସହିତ ବର୍ଷାଦିନେ ପରିସ୍ଥିତି ଅଧିକ ବିଗିଡ଼ି ଯାଉଛି। ଜଳ ନିଷ୍କାସନକୁ ନେଇ ଉପୁଜିଥିବା ବିବାଦ କାରଣରୁ ଶନିବାର ବିଳମ୍ବିତ ରାତିରେ କେହି ନଳକୂପର କେତେକ ଅଂଶକୁ ଖୋଲି କିରୋସିନ ଓ ସିମେଣ୍ଟ ପକାଇ ଦେଇଥିବା ମତୋ ଫାଣ୍ଡି ଅଧିକାରୀ ବବ୍ରୁବାହାନ ନାୟକ ସୂଚନା ଦେଇଛନ୍ତି। ଫାଣ୍ଡି ପକ୍ଷରୁ ତଦନ୍ତ କରାଯିବା ସହ ନଳକୂପକୁ ସଫା କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି।

# ଧାନ କିଣାରେ ଅନିୟମିତତା ନେଇ ସମିତି ସିଲ୍

**ସୋର,୨୩।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଉତ୍ତରେଶ୍ୱର ସେବା ସମିତିକୁ ରବିବାର ମଧ୍ୟାହ୍ନରେ ସିଲ୍ କରାଯାଇଛି। ଧାନକିଣାରେ ଅନିୟମିତତା ନେଇ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଠାରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋର ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ରାକେଶ ପଣ୍ଡା, ମ୍ୟୁନିସିପାଲିଟିର ବରିଷ୍ଠ କିରାଣୀ ବଂଶୀଧର ବାରିକ ଓ ସୋର ପୋଲିସ ଉପସ୍ଥିତିରେ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ସିଲ୍ କରିଦିଆଯାଇଛି। ସୋସାଇଟି ସେକ୍ରେଟାରି ମହେଶ୍ୱର ଭୋଇଙ୍କୁ ଟେଲିଫୋନ୍ ଯୋଗେ ଡକାଯାଇଥିଲେ ମଧ୍ୟ ସେ ନ ପହଞ୍ଚିବାରୁ କାର୍ଯ୍ୟାଳୟ କବାଟ ଚାବିକୁ ସିଲ୍ କରାଯାଇଥିଲା। ଜିଲାପାଳଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ସିଲ୍ ରହିବ ବୋଲି ଜଣାଇ ଦିଆଯାଇଛି।



ଉତ୍ତରେଶ୍ୱର ସେବା ସମବାୟ ସମିତିକୁ ସିଲ୍ କରାଯାଉଛି।

ସୂଚନାଯୋଗ୍ୟ ଯେ, ଚାଷୀମାନେ ଉକ୍ତ ସୋସାଇଟିରେ ଧାନ ବିକ୍ରୟ ପାଇଁ ଟୋକନ୍ ନେଇଥିବାବେଳେ ଧାନ ବିକ୍ରୟ ପାଇଁ ମିଲ୍‌କୁ ଯାଉଥିଲେ। ମିଲରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବା ସହିତ କୁଇଣ୍ଟାଲ ପିଛା ମନଇଚ୍ଛା ଧାନ କାଟି ନେଉଥିବା ନେଇ ଅଭିଯୋଗ ହୋଇଥିଲା।

### ଆନ୍ଧ୍ରରୁ ବିଇଡି ପରୀକ୍ଷା ଦେଇ ଫେରୁଥିବା ମହିଳା ଟ୍ରେନ୍‌ରୁ ଖସି ମୃତ

**ବ୍ରହ୍ମପୁର ଅଫିସ/ସୋର, ୨୩।୨(ଡି.ଏନ୍.ଏ)**

ବାଲେଶ୍ୱର ଜିଲା ସୋର ବଡ଼ୁଖୁରୀ ଗ୍ରାମର ଜଣେ ମହିଳା ତାଙ୍କ ଭାଉଜଙ୍କ ସହିତ ଆନ୍ଧ୍ରରୁ ବିଇଡି ପରୀକ୍ଷା ଦେଇ ଫେରୁଥିବା ବେଳେ ରବିବାର ଅପରାହ୍ନରେ ଗଞ୍ଜାମ ଜିଲା ବ୍ରହ୍ମପୁର ରେଳ ଷ୍ଟେଶନ୍‌ରେ ଟ୍ରେନରୁ ଖସି ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ହେମେନ୍ଦ୍ର ଓଝାଙ୍କ ସ୍ତ୍ରୀ ରଶ୍ମିରେଖା(ଲୀନା)। ବ୍ରହ୍ମପୁର ଷ୍ଟେଶନରେ ଟ୍ରେନ ଅଟକି ଥିବା ବେଳେ ସେ ପାଣି ଆଣିବା ପାଇଁ ଯାଇଥିଲେ। ଏହି ସମୟରେ ଟ୍ରେନ ଛାଡ଼ି ଦେଇଥିଲା। ସେ ଦୌଡ଼ିଦୌଡ଼ି ଚଢିବାକୁ ଚେଷ୍ଟା କରୁଥିବା ବେଳେ ଟ୍ରେନରୁ ଖସିପଡ଼ି ପ୍ଲାଟଫର୍ମରେ ଥିବା ଏକ ଖୁଣ୍ଟରେ ପିଟି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମୃତ ରଶ୍ମୀରେଖାଙ୍କ ପରିବାର ଲୋକେ ବ୍ରହ୍ମପୁରରେ ପହଞ୍ଚିଥିବା ଜଣାପଡ଼ିଛି।

# ନବବିବାହିତାଙ୍କ ଆତ୍ମହତ୍ୟା

**ବାଲିଆପାଳ,୨୩।୨(ସ୍ୱ.ପ୍ର.):** ଶୋଇବା ଘରେ ବେକରେ ଫାଶି ଲଗାଇ ଚାନ୍ଦମଣି ଗ୍ରାମର ଜଣେ ମହିଳା ଆତ୍ମହତ୍ୟା କରିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପୋଲିସ ରବିବାର ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଘଟଣାରୁ ପ୍ରକାଶ, ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ଚାନ୍ଦମଣି ଗ୍ରାମର ଜଣେ ବ୍ୟକ୍ତିଙ୍କ ସହିତ ଉକ୍ତ ମହିଳାଙ୍କ ଫେସବୁକରେ ବନ୍ଧୁତା ହୋଇଥିଲା। ପରେ ଉଭୟ ପ୍ରେମ କରି ଗତ ୫ ମାସ ପୂର୍ବେ ବିବାହ କରିଥିଲେ। ଉଭୟେ ସୁଖରେ ଥିବାବେଳେ ଶନିବାର ଘରେ ଧୂମଧାମ୍‌ରେ ଭଣଜାର ଜନ୍ମଦିନ ପାଳନ କରିଥିଲେ। ରବିବାର ସକାଳେ ମଧ୍ୟ ସମ୍ପୃକ୍ତ ମହିଳା ଘରର କାମ କରିଥିବା ପରିବାର ଲୋକ କହିଛନ୍ତି। ସକାଳ ପ୍ରାୟ ସାଢ଼େ ୮ଟାରେ ନିଜ ଶୋଇବା ଘରକୁ ଯାଇ ସେ କବାଟ ବନ୍ଦ କରିଦେଇଥିଲେ। ପରେ ପରିବାର ଲୋକେ ଯେତେ ଡାକିଲେ ସେ ଆଉ କବାଟ ଖୋଲି ନ ଥିଲେ। କବାଟ ଖୋଲି ଦେଖିବାରୁ ମହିଳା ଜଣଙ୍କ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୨୩।୨:** ଭଦ୍ରକ ଜିଲା ଚରମ୍ପା ତିଶଳପୁର ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ବ୍ଲକ ଖଣ୍ଡତଡ଼ା ମଉଦା ଗାଁର ଗୁରୁ ମହାନ୍ତିଙ୍କ ପୁଅ ରୂପେଶ। ସୂଚନା ଅନୁସାରେ, ରୂପେଶ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରୁ ଫେରିଲା ବେଳେ ପଛରୁ ଏକ ଟ୍ରକ ଧକ୍କା ଦେଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୂପେଶ ଭୁବନେଶ୍ୱରସ୍ଥିତ ଆଇଟିଆର୍ ବିଶ୍ୱବିଦ୍ୟାଳୟ ଶେଷବର୍ଷ ଛାତ୍ର ଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁ ଭଦ୍ରକ ସହର ମେଡିକାଲ ଛକ ନିକଟରେ ଔଷଧ ବ୍ୟବସାୟ କରନ୍ତି। ତାଙ୍କର ଏକମାତ୍ର ପୁଅ ରୂପେଶଙ୍କ ମୃତ୍ୟୁ ଖବର ପ୍ରଚାର ପରେ ମେଡିକାଲ ପରିସର ଲୋକାରଣ୍ୟ ହୋଇଥିଲା।

# କେନ୍ଦ୍ରମନ୍ତ୍ରୀ, ବିଧାୟକଙ୍କ ମିଳିତ ଜନଶୁଣାଣି

**ସଜନାଗଡ଼,୨୩।୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ବଣସୀମା ବରହମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ପୂର୍ବାହ୍ନରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଶତାଧିକ ଅଭିଯୋଗକାରୀ ଭିନ୍ନ ଭିନ୍ନ ଅଭିଯୋଗ ତଥା ଡାକ୍ତରଖାନା, ବିଦ୍ୟୁତ୍, ବାର୍ଦ୍ଧକ୍ୟ, ବିଧବା ଭତ୍ତା, ରାଶନ କାର୍ଡ଼, ପାନୀୟ ଜଳ, ରାସ୍ତା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଜନଶୁଣାଣିରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଅନ୍ୟମାନେ।

ବଣସୀମା ମଣ୍ଡଳର ସଭାପତି ଅକ୍ଷୟ ବେହେରା, ଯୁବନେତା ଉପେନ୍ଦ୍ର ଦାସ, ଧରମପୁର ସରପଞ୍ଚ ରାଜସ୍ମିତା ମଲ୍ଲିକ, ଆରବନ୍ଧର ସମିତିସଦସ୍ୟ ଅର୍ଜୁନ ମାରାଣ୍ଡି, କୁଳମଣି ନାୟକ, ପ୍ରବୀଣ ନାୟକ, କମଳା ମହାକୁଡ଼, ମାନସ ମିଶ୍ର, ବିଜୁ ପାଣି, ମହେନ୍ଦ୍ର ଦାସଙ୍କ ସମେତ ବହୁ ୱାର୍ଡ଼ ସଭ୍ୟାସଭ୍ୟ ଏବଂ ସ୍ଥାନୀୟ ନେତୃବର୍ଗ ଏହି ଜନଶୁଣାଣିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଓ ବିଧାୟକଙ୍କ ଏଭଳି ପ୍ରୟାସ ଦ୍ୱାରା ନେତା ଏବଂ ଜନତା ନିକଟତର ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇବା ସହ ପ୍ରଶଂସା କରାଯାଇଛି।

# ୧୮ ହାତୀଙ୍କୁ ଏକାଠି କରିବାରେ ପ୍ରଶାସନ ନାକେଦମ୍

## ଅପରେଶନ ଗଜରାଜ

**ଜଳେଶ୍ୱର,୨୩।୨(ସ୍ୱ.ପ୍ର)**

ଦୀର୍ଘ ୩୨ ଦିନ ଧରି ରାଇବଣିଆ ଅଞ୍ଚଳ ଆତଙ୍କରେ ଭୟଭୀତ ହୋଇ ରହିଥିବା ଅଧିବାସୀମାନଙ୍କୁ ସୁରକ୍ଷା ଯୋଗାଇବାଲାଗି ବନବିଭାଗ ପକ୍ଷରୁ ଅପରେଶନ ଗଜରାଜ ଶନିବାର ପ୍ରଥମ ରାତିରେ ବିଶେଷ ଫଳପ୍ରଦ ହୋଇପାରି ନାହିଁ। ୫ଟି ଦଳରେ ବିଭକ୍ତ ହୋଇ ହାତୀଗୁଡ଼ିକ ଆମ୍ବଶୋଳା, କାଳାଯୋଡି, ରଙ୍ଗାମାଟିଆ, ବାଡେଡ଼ିହି, ଧାନଘେରା, ସୁଖିଯୋଡ଼ି, ଦୁଧିଆଖାଲି, ଆମ୍ବନାଳି, ବାହାରଗଡ, ବାଉଁଶବଣୀ ଜଙ୍ଗଲ ଅଞ୍ଚଳରେ ବୁଲୁଥିବାରୁ ରାତିରେ ବନବିଭାଗ ସମସ୍ତଙ୍କୁ ଏକତ୍ରିତ କରିବାରେ ବିଫଳ ହୋଇଥିଲା। କିନ୍ତୁ ରବିବାର ବନବିଭାଗର ଅଧିକ କର୍ମଚାରୀ ସେଠାରେ ଡେରା ପକାଇ ଦିନତମାମ ସମସ୍ତ ହାତୀଗୁଡ଼ିକୁ ଏକତ୍ରିତ କରିବାରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ସନ୍ଧ୍ୟାରେ ଏହା ସଫଳ ହେଲେ ୧୮ଟି ହାତୀକୁ ପଶ୍ଚିମବଙ୍ଗ ଅଞ୍ଚଳକୁ ପଠାଇବାରେ ବନବିଭାଗ ସଫଳ ହେବେ ବୋଲି ରବିବାର ଜଳେଶ୍ୱର ରେଞ୍ଜର ସରୋଜ କୁମାର ମହାନ୍ତି ଓ ଏସ୍‌ସିଏଫଓ ତପନ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ଗତ ଶନିବାର ସନ୍ଧ୍ୟାରେ ବାଲେଶ୍ୱର ଡିଏଫ୍‌ଓଙ୍କ ନେତୃତ୍ୱରେ ୭ଟି ଟିମ୍ ଗଠିତ ହୋଇଥିଲା। ନିଜେ ଡିଏଫ୍‌ଓ, ରେଞ୍ଜର ସରୋଜ ମହାନ୍ତି, ଦେବେନ୍ଦ୍ର କୁମାର ପାତ୍ର, ଫରେଷ୍ଟର ତପନ ସିଂ, ଫରେଷ୍ଟଗାର୍ଡ ମନୋହର ସିଂ, ପ୍ରହଲ୍ଲାଦ ନାୟକ, ଅଞ୍ଜନ ଦାସଙ୍କ ସହିତ କୁଲଡ଼ିହା, ନୀଳଗିରିର ବନ କର୍ମଚାରୀ, ବରଡ଼ିହାର ସବୁଜ ବାହିନୀ, ଓଲମରାର ହାତୀ ସୁରକ୍ଷା ବାହିନୀକୁ ନେଇ ଜଙ୍ଗଲର ଚାରିପଟୁ ଘେରି ରହିଥିଲେ। ରବିବାର ଦିନରେ ହାତୀଗୁଡ଼ିକ ଆମ୍ବଶୋଳା, କାଳାଯୋଡ଼ି, ରଙ୍ଗାମାଟିଆ ଜଙ୍ଗଲରେ ରହିଛନ୍ତି। ବନବିଭାଗ କର୍ମଚାରୀ ମାଜିଷ୍ଟ୍ରେଟ ତଥା ଭୋଗରାଇର ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ପୋଲିସ୍ ଫୋର୍ସ ସହିତ ଶ୍ୟାମନଗର ବିଟ୍ ହାଉସ୍‌ରେ ଉପସ୍ଥିତ ଅଛନ୍ତି। ହାତୀଗୁଡ଼ିକୁ ଏକାଠି କରିବା ପ୍ରଚେଷ୍ଟା ଜାରି ରହିଛି। ଏଥିରେ ସଫଳ ହେଲେ ରାତିରେ ସର୍ଚ୍ଚ ଟର୍ଚ୍ଚ ପକାଇ ଆବଶ୍ୟକ ସ୍ଥଳେ ବାଣ ଫୁଟାଇ ହାତୀ ଘଉଡ଼ାଯାଇପାରିବ ବୋଲି ସେମାନେ ସୂଚନା ଦେଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ